

Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:149✦23 September 2026 (Wednesday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୪୯✦୨୩ ସେପ୍ଟେମ୍ବର ୨୦୨୬ (ବୁଧବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


### ମୌସୁମୀ ଅଧିବେଶନ ଆରମ୍ଭରୁ ଅଚଳ

# ଏମଏମଡିଆର ଓ ବହି ତ୍ରୁଟି ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ



ଭୁବନେଶ୍ୱର,୨୨/୯ (ନି/ପ୍ର) :ମୌସୁମୀ ଅଧିବେଶନ ଆରମ୍ଭରୁ ଅଚଳ । ପ୍ରଶ୍ନକାଳ ଆରମ୍ଭରୁ ଏମଏମଡିଆର ଓ ବହି ତ୍ରୁଟି ପ୍ରସଙ୍ଗରେ କମ୍ପିଲା ଗୃହ । ବିରୋଧୀଙ୍କ ନାରାବାଜିରେ ଗୃହ ଅଚଳ । ମଧ୍ୟଭାଗକୁ ଆସି ପ୍ଲାକାର୍ଡ ଧରି ପ୍ରତିବାଦ କଲେ ବିରୋଧୀ ଦଳ ବିଧାୟକ । ଏମଏମଡିଆର ବିଲ୍ ପ୍ରତ୍ୟାହାର ଦାବିରେ ଉଭୟ ବିଜେଡି ଓ କଂଗ୍ରେସର ହଟ୍ଟଗୋଳ । ପ୍ରଥମ ଦିନରେ ବିଧାନସଭାରେ ଅଚଳାବସ୍ଥା । ମଧ୍ୟାହ୍ନ ୧ଟା ୧୦ ଯାଏଁ ଗୃହ ମୁଲତବୀ ଘୋଷଣା କଲେ ବାଚସ୍ପତି । ସେପଟେ ଗୃହ ମୁଲତବୀ ପରେ ବିଜେଡି ବିଧାୟକମାନେ ବିଧାନସଭାରୁ ବାହାରି ଲୋୟର ପିଏମଜି ଅଭିମୁଖେ ଯାଇଛନ୍ତି । ମଙ୍ଗଳବାର ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ପ୍ରଥମେ ଦିବଙ୍ଗତ ନେତା ଓ ନେପାଳରେ ବନ୍ୟାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ମନ୍ତ୍ରୀ ଡମ୍ବରୁ ମାଝୀ, ସୁଶାନ୍ତ ସିଂ, ପୂର୍ବତନ ସରକାରୀ ମୁଖ୍ୟ ସଚେତକ ସତ୍ୟଭୂଷଣ ସାହୁ, ରାମମୂର୍ତ୍ତି ଗମାଙ୍ଗୋ, ହାଜି ମହମ୍ମଦ ଆୟୁବ ଖାନ୍ ଏବଂ ଶିବାଜୀ ମାଝୀଙ୍କ ପାଇଁ ଶୋକ ପ୍ରସ୍ତାବ ଆଣିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ପକ୍ଷରୁ ସମର୍ଥନ କରାଯାଇଥିଲା । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ମଧ୍ୟ ଦିବଙ୍ଗତ ନେତାମାନଙ୍କ ପ୍ରତି ଶୋକବ୍ୟକ୍ତ କରିଥିଲେ । ବିରୋଧୀଙ୍କ ସମର୍ଥନ ପରେ ବାଚସ୍ପତି ପ୍ରସ୍ତାବକୁ ଗୃହୀତ କରିଥିଲେ । ସମସ୍ତ ସଦସ୍ୟ ଛିଡ଼ା ହୋଇ ଦିବଙ୍ଗତଙ୍କ ଅମର ଆତ୍ମା ଶାନ୍ତି ପାଇଁ ନୀରବ ପ୍ରାର୍ଥନା କରିଥିଲେ । ଚଳିତ ମୌସୁମୀ ଅଧିବେଶନ ସେପ୍ଟେମ୍ବର ୨୨ରୁ ଆରମ୍ଭ ହୋଇ ଅକ୍ଟୋବର ୩ ପର୍ଯ୍ୟନ୍ତ ଚାଲିବ । ମୋଟ ୯ଟି କାର୍ଯ୍ୟଦିବସ ରହିଛି । ଅଧିବେଶନରେ ପ୍ରାୟ ୬ଟି ବିଲ୍ ଆସିବାର ସମ୍ଭାବନା ରହିଛି । ତେବେ ଅଧିବେଶନର ଅବଧି ସ୍ୱଳ୍ପ ହୋଇଥିଲେ ମଧ୍ୟ ରାଜନୈତିକ ଦୃଷ୍ଟିରୁ ଏହା ଗୁରୁତ୍ୱପୂର୍ଣ୍ଣ ରହିଛି । ଗତକାଲି ଅନୁଷ୍ଠିତ ସର୍ବଦଳୀୟ ବୈଠକ ପରେ ବିରୋଧୀ ଦଳଗୁଡ଼ିକ ବିଭିନ୍ନ ପ୍ରସଙ୍ଗ ଗୃହରେ ଉଠାଇବା ପାଇଁ ପ୍ରସ୍ତୁତ ଥିବା ସ୍ପଷ୍ଟ ହୋଇଛି । ସେପଟେ ସରକାର ମଧ୍ୟ ବିରୋଧୀ ଦଳ ଉଠାଇବାକୁ ଥିବା ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ପ୍ରସ୍ତୁତ ଥିବା କହିଛନ୍ତି । ବିଶେଷ କରି ଏମ୍ଏମ୍ଡିଆର୍ ସଂଶୋଧନ ଆଇନ, ସ୍କୁଲ୍ ପାଠ୍ୟପୁସ୍ତକରେ ତ୍ରୁଟି ଏବଂ ମହାନଦୀ ବିବାଦ ଭଳି ପ୍ରସଙ୍ଗ ଗୃହରେ ଉଠିବାର ସମ୍ଭାବନା ରହିଛି । ଏହା ସହ ବନ୍ୟା ପରିଚାଳନା, ଆଇନଶୃଙ୍ଖଳା, କୃଷି ସମସ୍ୟା ଏବଂ ଅନ୍ୟାନ୍ୟ ରାଜ୍ୟସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗ ମଧ୍ୟ ଆଲୋଚନାକୁ ଆସିପାରେ । ଅଧିବେଶନ ପୂର୍ବରୁ ବିରୋଧୀ ଦଳଗୁଡ଼ିକ ନିଜ ନିଜ ରଣନୀତି ପ୍ରସ୍ତୁତ କରିଥିବା ବେଳେ ଶାସକ ଦଳ ମଧ୍ୟ ଗୃହରେ ଉଠିବାକୁ ଥିବା ପ୍ରସଙ୍ଗର ଜବାବ ଦେବା ପାଇଁ ପ୍ରସ୍ତୁତି କରିଛି ।


## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com


# ମୁଖ୍ୟମନ୍ତ୍ରୀ ବିଜୟ ସରକାରୀ ସ୍କୁଲ ପରିଦର୍ଶନ କଲେ :



ଚେନ୍ନାଇ,୨୨/୯ :ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ପୁଣି ଥରେ ତାଙ୍କର ସରଳ ଶୈଳୀରେ ଲୋକଙ୍କ ହୃଦୟ ଜିତିଛନ୍ତି । ତିରୁବନମିୟୁରର ଗାନ୍ଧୀ ଗ୍ରାମମ୍‌ରେ ସରକାରୀ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରି, ମୁଖ୍ୟମନ୍ତ୍ରୀ ବିଜୟ ସ୍କୁଲ ପିଲାମାନଙ୍କ ପାଇଁ ମାଗଣା ଜଳଖିଆ ଯୋଜନାର ବିସ୍ତାର କରିବା ସହ ପିଲାମାନଙ୍କ ସାଙ୍ଗରେ ତଳେ ବସି ଜଳଖିଆ ଖାଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ଆଚରଣ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି, ଏବଂ ଲୋକମାନେ ତାଙ୍କର ସମ୍ପୃକ୍ତିକୁ ପ୍ରଶଂସା କରୁଛନ୍ତି । ମୁଖ୍ୟମନ୍ତ୍ରୀ ବିଜୟ ତିରୁବନମିୟୁରର ଏକ ସରକାରୀ ସ୍କୁଲରେ ପେରୁନ୍ଥଲାଇଭର କାମରାଜର ମାଗଣା ଜଳଖିଆ ଯୋଜନାର ବିସ୍ତାରିତ ପର୍ଯ୍ୟାୟ ଆରମ୍ଭ କରିଛନ୍ତି । ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନାର୍ଥେ ଏହି ଯୋଜନାକୁ ପେରୁନ୍ଥଲାଇଭର କାମରାଜର ମାଗଣା ଜଳଖିଆ ଯୋଜନା ନାମ ଦିଆଯାଇଛି । ଏହି ଯୋଜନାର ବିସ୍ତାର ସହିତ, ରାଜ୍ୟ ସାରା ସରକାରୀ ସ୍କୁଲରେ ହଜାର ହଜାର ଅଧିକ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ଛାତ୍ରଛାତ୍ରୀଙ୍କୁ ଏବେ ପୁଷ୍ଟିକର ଏବଂ ଗରମ ଜଳଖିଆ ଯୋଗାଇ ଦିଆଯିବ । ଯୋଜନାକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିବା ପରେ, ମୁଖ୍ୟମନ୍ତ୍ରୀ ବିଜୟ ସିଧା ସ୍କୁଲର ଡାଇନିଂ ରୁମକୁ ଯାଇଥିଲେ ଯେଉଁଠାରେ ପିଲାମାନେ ଜଳଖିଆ ପାଇଁ ବସିଥିଲେ । କୌଣସି ସ୍ୱତନ୍ତ୍ର ଭିଆଇପି ପ୍ରୋଟୋକଲ ଚେୟାର ଏବଂ ଟେବୁଲରେ ନବସି ବିଜୟ ପିଲାମାନଙ୍କ ସହିତ ତଳେ ଏକ ଚଟେଇ ଉପରେ ବସିଥିଲେ । ସେମାନଙ୍କ ପ୍ଲେଟରେ ଖାଦ୍ୟ ପରିବେଷଣ କରାଯାଉଥିବା ସମୟରେ, ମୁଖ୍ୟମନ୍ତ୍ରୀ ସେମାନଙ୍କ ସହିତ ଆଲୋଚନା କରିଥିଲେ, ସେମାନଙ୍କ ପାଠପଢ଼ା ଏବଂ ସ୍କୁଲର ବ୍ୟବସ୍ଥା ବିଷୟରେ ପଚାରିଥିଲେ । ସ୍କୁଲ ପିଲାମାନେ ସେମାନଙ୍କ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କ ସହିତ ବ୍ୟକ୍ତିଗତ ଭାବରେ ଜଳଖିଆ ଖାଉଥିବାର ଦେଖି ବହୁତ ଖୁସି ଏବଂ ଉତ୍ସାହିତ ହୋଇଥିଲେ । ଘଟଣାର ଭିଡିଓ ଏବଂ ଫଟୋ ସାମ୍ନାକୁ ଆସିବା ପରେ, ପ୍ରଶଂସକ ଏବଂ ଜନସାଧାରଣ ବିଜୟଙ୍କ ସରଳ ଆଭିମୁଖ୍ୟକୁ ପ୍ରଶଂସା କରୁଛନ୍ତି ।

## ଗଞ୍ଜାମରେ ୩ ଦିନ ବନ୍ଦ ରହିବ ସମସ୍ତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର

### ପ୍ରବଳ ବର୍ଷା ଆଶଙ୍କାରେ ନିଷ୍ପତି




ଛତ୍ରପୁର,୨୨/୯(ନି/ପ୍ର): ଗଞ୍ଜାମ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ବିଦ୍ୟାଳୟ ଆଜି ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ବନ୍ଦ ରହିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ଶିଶୁ ବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବିଦ୍ୟାଳୟଗୁଡିକ ବନ୍ଦ ରହିବ । ସେହିଭଳି ଜିଲ୍ଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଏହି ତିନି ଦିନ ବନ୍ଦ ରହିବା ନେଇ ମଧ୍ୟ ନିର୍ଦ୍ଦେଶ ଜାରି କରାଯାଇଛି । ଜିଲ୍ଲାରେ ଲଘୁଚାପ ଜନିତ ସମ୍ଭାବ୍ୟ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଗୁଡ଼ିକ ବନ୍ଦ ରହିବା ପାଇଁ ଜିଲ୍ଲାପାଳ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ଆଜି ହେବାକୁ ଥିବା ପୂର୍ବ ନିର୍ଦ୍ଧାରିତ ଏନଆରଟିଏସ ପରୀକ୍ଷା ଅନୁଷ୍ଠିତ ହେବ । ସେହିଭଳି ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ବିଦ୍ୟାଳୟରେ ଉପସ୍ଥିତ ରହିବେ ।

## ଜିଲ୍ଲାପାଳଙ୍କ ପ୍ରସ୍ତୁତି ସମୀକ୍ଷା : ଅଧିକାରୀଙ୍କ ଛୁଟି ବାତିଲ ହେଡକ୍ୱାଟର୍ସରେ ସଜାଗ ରହିବାକୁ ନିର୍ଦ୍ଦେଶ

ନବରଙ୍ଗପୁର,୨୨/୯(ନି/ପ୍ର): ପୂର୍ବ-କେନ୍ଦ୍ରୀୟ ଏବଂ ତତ୍‌ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଚଂଳରେ ସୃଷ୍ଟ ଲଘୁଚାପ ଏବଂ ଆଗାମୀ ଦିନଗୁଡ଼ିକରେ ସମ୍ଭାବ୍ୟ ପ୍ରତିକୂଳ ପାଣିପାଗକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ଆଭାସୀ ମାଧ୍ୟମରେ ଜିଲ୍ଲାର ପ୍ରସ୍ତୁତି ସମ୍ପର୍କରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କ ସମୀକ୍ଷା କରିଛନ୍ତି । ଆଇଏମଡିର ଆକଳନ ଅନୁଯାୟୀ, ଆଗାମୀ ୨୩ ସେପ୍ଟେମ୍ବର ୨୦୨୬ ପାଇଁ 'ଅରେଞ୍ଜ୍ ୱାର୍ଣ୍ଣିଂ' ଏବଂ ୨୪ ଓ ୨୫ ସେପ୍ଟେମ୍ବର ୨୦୨୬ ପାଇଁ 'ରେଡ୍ ୱାର୍ଣ୍ଣିଂ' ଜାରି କରାଯାଇଛି । ସମ୍ଭାବ୍ୟ ପ୍ରତିକୂଳ ପାଣିପାଗକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଡ଼. ସ୍ୱାଇଁ କ୍ଷେତ୍ରସ୍ତରରେ ଗ୍ରହଣ କରାଯାଇଥିବା ପ୍ରସ୍ତୁତିମୂଳକ ପଦକ୍ଷେପର ସମୀକ୍ଷା କରିବା ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର ଓ ବିଡିଓମାନଙ୍କର ଛୁଟି ବାତିଲ କରାଯାଇଛି । ସେମାନଙ୍କୁ ନିଜ ନିଜ ମୁଖ୍ୟାଳୟରେ ସଜାଗ ଓ ଉପସ୍ଥିତ ରହିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କ ପୂର୍ବାନୁମତି ବିନା ମୁଖ୍ୟାଳୟ ବାହାରକୁ ନଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ପଚାଂୟତ ଏବଂ ବ୍ଲକସ୍ତରରେ ଚୂଡ଼ା, ଚାଉଳ ଭଳି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ମହଜୁଦ ସ୍ଥିତି ସମୀକ୍ଷା କରିବା ସହ ଜରୁରୀକାଳୀନ ପରିସ୍ଥିତିରେ ଆବଶ୍ୟକ ସାମଗ୍ରୀର ଅଭାବ ନହେବା ପାଇଁ ପର୍ଯ୍ୟାପ୍ତ ପରିମାଣର ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧତା ସୁନିଶ୍ଚିତ କରିବାକୁ ସମସ୍ତ ବିଡିଓମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ସଙ୍କଟର ମୁକାବିଲା ପାଇଁ ବିଶ୍ୱକୁ ଏକଜୁଟ ହେବାକୁ ପଡିବ :

### ଜାତିସଂଘରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ବକ୍ତବ୍ୟ




ନ୍ୟୁୟର୍କ,୨୨/୯: ଜାତିସଂଘ ସାଧାରଣ ସଭାର ୮୧ତମ ଅଧିବେଶନରେ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ବିଶ୍ୱ ବ୍ୟବସ୍ଥାରେ ବଢୁଥିବା ଉତ୍ତେଜନା ଏବଂ ଭୂରାଜନୈତିକ ପ୍ରତିଯୋଗିତା ମଧ୍ୟରେ ବହୁପାକ୍ଷିକତାକୁ ମଜବୁତ କରିବା ପାଇଁ ଦୃଢ଼ ସମର୍ଥନ କରିଛନ୍ତି । 'ପାର୍ଟନର୍ସ ଫର୍ ମଲ୍ଟିଲାଟ୍ରାଜିମ୍' ସମ୍ମିଳନୀରେ, ଜୟଶଙ୍କର କହିଛନ୍ତି, ବିଶ୍ୱ ଶାନ୍ତି, ସୁରକ୍ଷା, ଜଳବାୟୁ, ଆତଙ୍କବାଦ, ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳ ଭଳି ପ୍ରମୁଖ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି, ଯାହାକୁ କେବଳ ମିଳିତ ଭାବରେ କାମ କରି ସମାଧାନ କରାଯାଇପାରିବ । ସେ ଜାତିସଂଘ ସମେତ ଅନ୍ତର୍ଜାତୀୟ ପ୍ରତିଷ୍ଠାନଗୁଡ଼ିକରେ ଅଧିକ ଅଂଶଗ୍ରହଣ ଏବଂ ସ୍ୱଚ୍ଛ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ସହିତ ସଂଶୋଧିତ ବହୁପାକ୍ଷିକତାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି । ଜୟଶଙ୍କର କହିଛନ୍ତି ଯେ ବିଶ୍ୱ ବର୍ତ୍ତମାନ ବଡ଼ ସଂରଚନିକ ପରିବର୍ତ୍ତନ ଦେଇ ଗତି କରୁଛି । ଗତ କିଛି ଦଶନ୍ଧି ଧରି, ବିଶ୍ୱ କ୍ଷମତା ସନ୍ତୁଳନ ଧୀରେ ଧୀରେ ପରିବର୍ତ୍ତନ ହେଉଛି । ତୀବ୍ର ପ୍ରତିଯୋଗିତା, ଭୂରାଜନୈତିକ ଉତ୍ତେଜନା ଏବଂ ସଂଘର୍ଷ ଏହି ପରିବର୍ତ୍ତନକୁ ଆହୁରି ତୀବ୍ର କରିଛି । ଯଦି ଏହି ପରିସ୍ଥିତିର ସମାଧାନ କରାନଯାଏ, ତେବେ ଅନ୍ତର୍ଜାତୀୟ ସହଯୋଗର ଭାବନା ଉପରେ ପ୍ରଶ୍ନ ଉଠିପାରେ । ତେଣୁ, ବର୍ତ୍ତମାନର ଯୁଗରେ ବହୁପାକ୍ଷିକତାକୁ ଦୃଢ଼ ଭାବରେ ନିଜର ଭୂମିକା ଗ୍ରହଣ କରିବାକୁ ପଡିବ । ଅନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା କେବଳ କୂଟନୈତିକ ଆଲୋଚନା ପର୍ଯ୍ୟନ୍ତ ସୀମିତ ନୁହେଁ । ଏହା ବିଶ୍ୱ ଶାନ୍ତି, ସୁରକ୍ଷା ଏବଂ ବିକାଶ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ । ବିଶ୍ୱ ଶାନ୍ତି ଏବଂ ଅନ୍ତର୍ଜାତୀୟ ସୁରକ୍ଷା, ଜଳବାୟୁ କାର୍ଯ୍ୟ ଏବଂ ଜଳବାୟୁ ନ୍ୟାୟ, ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ବିକାଶ ପାଇଁ ଆର୍ଥିକ ସହାୟତା, ଆତଙ୍କବାଦ ମୁକାବିଲା, ବିଶ୍ୱ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା, ବିପର୍ଯ୍ୟୟ ପରିଚାଳନା ଏବଂ ଭବିଷ୍ୟତର ମହାମାରୀ ପାଇଁ ପ୍ରସ୍ତୁତି ଭଳି ପ୍ରସଙ୍ଗର ସମାଧାନ ଦେଶଗୁଡ଼ିକର ଏକାଠି କାମ କରିବାର ଇଚ୍ଛା ଉପରେ ନିର୍ଭର କରେ । ଆନ୍ତର୍ଜାତୀୟ ବ୍ୟବସ୍ଥାରେ ଏପର୍ଯ୍ୟନ୍ତ ଯାହା ବି ସଫଳତା ମିଳିଛି, ତାହା ସମସ୍ତଙ୍କର ସାମୂହିକ ପ୍ରୟାସର ଫଳାଫଳ । ତେଣୁ, ଆମକୁ ହାସଲ ହୋଇଥିବା ଭଲକାର୍ଯ୍ୟକୁ ସୁରକ୍ଷିତ କରି ଆଗକୁ ଏକ ଉନ୍ନତ ବ୍ୟବସ୍ଥା ଗଠନ କରିବାକୁ ପ୍ରୟାସ କରିବାକୁ ପଡିବ । ଚାଲିଥିବା ସଂଘର୍ଷ ଏବଂ ବିଶ୍ୱ ସଙ୍କଟର ସମାଧାନ ପାଇଁ ବ୍ୟବହାରିକ ଏବଂ ଲକ୍ଷ୍ୟଭେଦୀ ପଦକ୍ଷେପର ଆବଶ୍ୟକତା ରହିଛି । ଏକ ବ୍ୟାପକ ଶାନ୍ତି ଚୁକ୍ତିନାମା ପାଇଁ ପ୍ରୟାସ ଜାରି ରହିଥିଲେ ମଧ୍ୟ, ସଂଘର୍ଷର ନିର୍ଦ୍ଦିଷ୍ଟ ଦିଗଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରି ତୁରନ୍ତ ଏହାର ସମାଧାନ କରାଯାଇପାରିବ । ଇନ୍ଧନ, ଖାଦ୍ୟ, ସାର ଏବଂ ଆର୍ଥିକ ସମସ୍ୟାର ଉଦାହରଣ ଦେଇ ସେ କହିଛନ୍ତି, ଏହି ଚାରୋଟି ସଙ୍କଟକୁ ସେସବୁର ନିଜସ୍ୱ ସ୍ଥିତି ଉପରେ ଛାଡି ଦିଆଯାଇପାରିବ ନାହିଁ । ବିଶ୍ୱକୁ ଅନେକ ପ୍ରସଙ୍ଗରେ ଏକାଠି କାମ କରିବାକୁ ପଡିବ । ସେଥିପାଇଁ ତୁରନ୍ତ ସାମୂହିକ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି । ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ନୂତନ କ୍ଷମତା ଦ୍ୱାରା ଚ୍ୟାଲେଞ୍ଜ ଉପୁଜୁଛି । ନୂତନ କ୍ଷମତା ନୂତନ ଚିନ୍ତା ଆଣିଥାଏ, ସ୍ପଷ୍ଟ ଅନ୍ତର୍ଜାତୀୟ ନିୟମ ଏବଂ ସୁରକ୍ଷା ଢାଚାଂ କିମ୍ବା ଗାର୍ଡରେଲ୍ ସ୍ଥାପନ କରିବାର ଦୃଢ଼ ଆବଶ୍ୟକତା ରହିଛି ।

# ନିଆଁ ଲିଭା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ :

## ଉଭୟ ପାଇଲଟ୍‌ଙ୍କ ମୃତ୍ୟୁ



ୱାସିଂଟନ,୨୨/୯: ଆମେରିକାର କାଲିଫର୍ନିଆର ୟୋସେମାଇଟ୍ ନ୍ୟାସନାଲ୍ ପାର୍କରେ ଜଙ୍ଗଲ ନିଆଁ ଲିଭାଇବା ପାଇଁ ପାଣି ପକାଉଥିବା ସମୟରେ ଏକ ହେଲିକପ୍ଟରର ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ହେଲିକପ୍ଟରରେ ଥିବା ଦୁଇ ପାଇଲଟ୍‌ଙ୍କର ମୃତ୍ୟୁ ଘଟିଛି । ସେମାନେ ପ୍ରେସିସନ୍ ନାମକ ଏକ ଚୁକ୍ତିଭିତିକ ବିମାନ କମ୍ପାନିରେ କାମ କରୁଥିଲେ । ଏଜେନ୍ସି ମୁଖପାତ୍ର ଏମେରି ଜନସନ୍ କହିଛନ୍ତି ଯେ, ପାଇଲଟ୍‌ଙ୍କ ମଧ୍ୟରୁ ଜଣେ ଗ୍ରେଗ୍ କିଙ୍ଗ ଥିଲେ, ଯିଏ ପ୍ରେସିସନ୍‌ରେ ଯୋଗଦେବା ପୂର୍ବରୁ ଆଲାସ୍କାର ବନ ଏବଂ ଅଗ୍ନି ସୁରକ୍ଷା ବିଭାଗରେ କାର୍ଯ୍ୟ କରୁଥିଲେ । ସେ ରାଜ୍ୟରେ ଅନେକ ଜଙ୍ଗଲ ନିଆଁ ଲିଭାଇବା କାର୍ଯ୍ୟରେ ସାମିଲ ଥିଲେ । ଅଗ୍ନି ନିର୍ବାପନ ପ୍ରୟାସ ତଦାରଖ କରୁଥିବା ଫେଡେରାଲ୍ କମ୍ପ୍ଲେକ୍ସ ଇନସିଡେଟଂ ମ୍ୟାନେଜମେଟଂ ଦଳର ମୁଖପାତ୍ର ବେଞ୍ଜାମିନ୍ କୋସେଲ୍ କହିଛନ୍ତି ଯେ ସୁପର ପୁମା ହେଲିକପ୍ଟରଟି ନିଆଁ ଲିଭାଇବା ପାଇଁ ପାଣିର ବାଲ୍ଟି ବ୍ୟବହାର କରୁଥିବା ସମୟରେ ଏକ ହ୍ରଦ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଫେଡେରାଲ୍ ଏଭିଏସନ୍ ପ୍ରଶାସନ ଏବଂ ଜାତୀୟ ପରିବହନ ସୁରକ୍ଷା ବୋର୍ଡ ତଦନ୍ତ କରୁଛନ୍ତି । ସରକାରୀ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଆମେରିକାରେ ଜଙ୍ଗଲ ନିଆଁ ଲିଭାଇବାରେ ସାହାଯ୍ୟ କରିବା ସମୟରେ ୧୪ ଜଣଙ୍କର ମୃତ୍ୟୁ ହୋଇଛି । ୨୦୨୨ରେ ୨୫ ଜଣଙ୍କର ମୃତ୍ୟୁ ଘଟିଥିଲା । ଅଗଷ୍ଟ ମାସରେ ଉଟାହରେ ଅଗ୍ନିକାଣ୍ଡ ଲିଭାଇବାରେ ସାହାଯ୍ୟ କରିବା ସମୟରେ ଦୁଇଜଣ ହେଲିକପ୍ଟର ପାଇଲଟ୍‌ଙ୍କ ମୃତ୍ୟୁ ହୋଇଥିଲା ଏବଂ କଲୋରାଡୋରେ ଅନ୍ୟ ଜଣେ ପାଇଲଟ୍‌ଙ୍କ ହେଲିକପ୍ଟର ଏକ ଜଳଭଣ୍ଡାରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ନ୍ୟାସନାଲ ଇଟଂରଏଜେନ୍ସି ଫାୟାର ସେଟଂର ଅନୁଯାୟୀ ପ୍ରାୟ ୫୮୦ ଲୋକ କାଲିଫର୍ନିଆର ୱାଓନା ନିକଟରେ ସେପ୍ଟେମ୍ବର ୧୫ ଆରମ୍ଭ ହୋଇଥିବା ଜଙ୍ଗଲ ନିଆ ସହ ଲଢୁଛନ୍ତି । ନିଆଁ ପ୍ରାୟ ୪.୭ ବର୍ଗ ମାଇଲରେ ପରିବ୍ୟାପ୍ତ ହୋଇଛି ଏବଂ ପ୍ରାୟ ୧୫% ଆୟତ ହୋଇଛି ।

## ୧୨ ରାଜ୍ୟସଭା ଏବଂ ୨୮ ଏମଏଲସି ଆସନ ପାଇଁ ନିର୍ବାଚନ: କାର୍ଯ୍ୟସୂଚୀ ଘୋଷଣା



ନୂଆଦିଲ୍ଲୀ,୨୨/୯: ନିର୍ବାଚନ କମିସନ ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଉତର ପ୍ରଦେଶରେ ୨୮ ବିଧାନ ପରିଷଦ(ଏମଏଲସି) ଆସନରେ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି । ଏହି ଆସନଗୁଡ଼ିକ ପାଇଁ ମତଦାନ ଅକ୍ଟୋବର ୨୩ ତାରିଖରେ ହେବ । ଭୋଟ୍ ଗଣତି ଅକ୍ଟୋବର ୨୭ ତାରିଖରେ ହେବ । ଏମଏଲସି ଆସନରେ ସ୍ନାତକ ଏବଂ ଚାରିଟି ଶିକ୍ଷକ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ କରାଯିବ । ସେଥିମଧ୍ୟରେ ଉନ୍ନର ପ୍ରଦେଶର ୧୧ ବିହାରର ୮, ମହାରାଷ୍ଟ୍ରର ୫ ଏବଂ କର୍ଣ୍ଣାଟକର ୪ ଆସନ ରହିଛି । ଏହା ସହିତ ନିର୍ବାଚନ କମିସନ ଉନ୍ନର ପ୍ରଦେଶର ୧୦, ଉନ୍ନରାଖଣ୍ଡର ଗୋଟିଏ ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଘୋଷଣା କରିଛନ୍ତି । ସେହପରି ପଶ୍ଚିମବଙ୍ଗରେ ଖାଲି ପଡ଼ିଥିବା ଗୋଟିଏ ଆସନ ପାଇଁ ଉପନିର୍ବାଚନ ହେବ । ଏହି ସମସ୍ତ ଆସନ ପାଇଁ ମତଦାନ ୧୬ ଅକ୍ଟୋବରରେ ହେବ ଏବଂ ସେହି ଦିନ ଭୋଟ୍ ଗଣତି କରାଯିବ ।

## ମହାରାଷ୍ଟ୍ରରେ ମରୁଡ଼ି ଆଶଙ୍କା, ପ୍ରଭାବିତ ହୋଇପାରେ ଓଡ଼ିଶା ବଜାର



ନୂଆଦିଲ୍ଲୀ,୨୨/୯: ନିଅଟିଂଆ ବର୍ଷା ଆଣିବ ମହାରାଷ୍ଟ୍ର ପାଇଁ ମରୁଡ଼ି । ମହାରାଷ୍ଟ୍ରର ସମବାୟ ମନ୍ତ୍ରୀ ବାବାସାହେବ ପାଟିଲ ଏହି ସୂଚନା ଦେଇଛନ୍ତି । ବିଜେପି ନେତୃତ୍ୱାଧୀନ ମହାଯୁତି ସରକାର ଖୁବ୍ ?ଶୀଘ୍ର ରାଜ୍ୟରେ ୧୦୦% ମରୁଡ଼ି ଘୋଷଣା କରିବେ ବୋଲି କହିଛନ୍ତି ସମବାୟ ମନ୍ତ୍ରୀ । କହିଛନ୍ତି, ସାରା ଜୀବନରେ ଏତେ ଭୟଙ୍କର ମରୁଡ଼ି କେବେ ଦେଖି ନାହିଁ । ଶୁଖିଲା ପାଗ ଯୋଗୁଁ ସୋୟାବିନ୍, କପା ଏବଂ ଆଖୁ ସହିତ ସମସ୍ତ ଫସଲ କ୍ଷତିଗ୍ରସ୍ତ ହୋଇଛି । ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ବା ଏନଡିଆରଏଫ୍ ? ନିୟମ ଆଧାରରେ ସେପ୍ଟେମ୍ବର ଶେଷ ସୁଦ୍ଧା ୧୦୦ ପ୍ରତିଶତ ମରୁଡ଼ି ଘୋଷଣା କରାପାଇପାରେ । ସରକାର ରିହାତି ଯୋଗାଇବା ପାଇଁ ଛାତ୍ରଛାତ୍ରୀଙ୍କ ଫି' ଛାଡ଼, ବିଦ୍ୟୁତ୍ ବିଲ୍ ଛାଡ଼ ଏବଂ ଜଳ ଟ୍ୟାଙ୍କର ନିୟୋଜନ ଭଳି ପଦକ୍ଷେପ ନେବା ଆରମ୍ଭ କରିସାରିଛନ୍ତି । ମନ୍ତ୍ରୀଙ୍କ ଏହି ବିବୃନ୍ତି ପରେ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି । ବିଶେଷକରି ଚାଷୀକୂଳ ପାଇଁ ଏହା ସାଂଘାତିକ କଥା । ଯଦି ମରୁଡ଼ି ହୁଏ, ତାହେଲେ ସ୍ଥିତି ଭୟଙ୍କର ହେବ । ସେପଟେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ କହିଛନ୍ତି ଯେ, କମ୍ ବର୍ଷା ଯୋଗୁ ସଙ୍କଟରେ ଥିବା ଚାଷୀଙ୍କୁ ସାହାଯ୍ୟ କରିବା ପାଇଁ ସରକାର କେନ୍ଦ୍ରୀୟ ସହାୟତାକୁ ଅପେକ୍ଷା କରିବେ ନାହିଁ । ନିୟମ ଅନୁସାରେ, ଅକ୍ଟୋବର ୫ ପରେ ଆନୁଷ୍ଠାନିକ ଫସଲ କ୍ଷତିର ଆକଳନ କରାଯିବ, ଯାହା ପରେ ରାଜ୍ୟ କେନ୍ଦ୍ର ନିକଟରୁ ସହାୟତା ଲୋଡ଼ିବ । ମହାରାଷ୍ଟ୍ରରେ ମରୁଡ଼ି ପରେ ଓଡ଼ିଶାରେ ଏହାର ବ୍ୟାପକ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି । କାରଣ ମହାରାଷ୍ଟ୍ରରୁ ଅନେକ ଖାଦ୍ୟଶସ୍ୟ ଓଡ଼ିଶାକୁ ରପ୍ତାନୀ ହୋଇଥାଏ । ତେଣୁ ମରୁଡ଼ି ହେଲେ, ଓଡ଼ିଶାରେ ସ୍ଥିତି ସାଂଘାତିକ ହୋଇପାରେ ।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# କେନ୍ଦ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ୧୬୩ ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୨/୯(ନି/ପ୍ର):କେନ୍ଦ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ଗୌରବମୟ ୧୬୩ ବର୍ଷର ସେବା, ପରମ୍ପରା ଓ ଉତ୍କର୍ଷକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଆସନ୍ତା ୨୯ ନଭେମ୍ବର ୨୦୨୬ରେ ହେବାକୁ ଥିବା ଭବ୍ୟ ଉତ୍ସବର ପ୍ରସ୍ତୁତି ନିମନ୍ତେ ଆଜି ବିଦ୍ୟାଳୟ ପରିସରରେ ଏକ ବୃହତ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରାତନ ଛାତ୍ର ସଂଘର ସଭାପତି ଶ୍ରୀ ଅମୀୟ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମଂଚରେ କାର୍ଯ୍ୟକାରୀ ସଭାପତି ଶ୍ରୀ ସୟଦ ଅକମଲ ଅଲୀ, ସମ୍ପାଦକ ଶ୍ରୀ ଚିତରଞ୍ଜନ ଭଗତ, ଆୟୋଜନ ସମ୍ପାଦକ ଶ୍ରୀ ବିଶ୍ୱଜିତ ରାଉତରାୟ, ଯୁଗ୍ମ ସମ୍ପାଦକ ଶ୍ରୀ ରାଖାଲ ସାମନ୍ତ ଓ ଶ୍ରୀ ଏସ୍.କେ. ଏମ୍. ଫୟାଜୁଦ୍ଦିନ, ଉପଦେଷ୍ଟା ଶ୍ରୀ ସୟଦ ଜାହିଦ୍ ଏବଂ ମୁଖ୍ୟ ଉପଦେଷ୍ଟା ଡଃ ବିଶ୍ୱରଞ୍ଜନ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କମିଟି ଗଠନ୧୬୩ ବର୍ଷ ପୂର୍ତ୍ତି ଉତ୍ସବକୁ ସୁଚାରୁ, ଶୃଙ୍ଖଳିତ ଓ ଆକର୍ଷଣୀୟ ଭାବେ ଆୟୋଜନ କରିବା ପାଇଁ ବୈଠକରେ ବିଭିନ୍ନ କମିଟି ଗଠନ ଓ ଦାୟିତ୍ୱ ବଂଟନ ଉପରେ ଆଲୋଚନା ହୋଇଥିଲା। ଏଥିରେ- ସ୍ୱାଗତ ଓ ଅଭ୍ୟର୍ଥନା କମିଟିମୁଖ୍ୟ ଆୟୋଜନ କମିଟି, ଅତିଥି ଚୟନ ଯୋଗାଯୋଗ କମିଟି, ଅର୍ଥ କମିଟି, ସ୍ମରଣିକା କମିଟି, ସମେତ ଅନ୍ୟାନ୍ୟ ଆବଶ୍ୟକ କମିଟି ଗଠନ କରାଯିବା ନେଇ ନିଷ୍ପତି ହୋଇଥିଲା। କେନ୍ଦ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତ୍ୟେକ ବ୍ୟାଚରୁ ଦୁଇଜଣ ପୁରାତନ ଛାତ୍ରଙ୍କୁ ବିଭିନ୍ନ କମିଟିରେ ସାମିଲ କରି ଉତ୍ସବକୁ ସମସ୍ତଙ୍କ ମିଳିତ ପ୍ରୟାସରେ ଆୟୋଜନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟଯୋଜନା ଉପସ୍ଥାପନ ବୈଠକରେ ଯୁଗ୍ମ ସମ୍ପାଦକ(ଆୟୋଜନ) ଶ୍ରୀ ଏମ୍.ଡି. ଅସଗର ଅଲୀ ଉତ୍ସବର ସମ୍ପୂର୍ଣ୍ଣ କାର୍ଯ୍ୟଯୋଜନା, ସମୟସୂଚୀ, କମିଟିଭିତ୍ତିକ ଦାୟିତ୍ୱ ଓ ଆଗାମୀ କାର୍ଯ୍ୟକ୍ରମର ରୂପରେଖା ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ସମସ୍ତ ପୁରାତନ ଛାତ୍ରଙ୍କୁ ସହଯୋଗ ପାଇଁ ଆହ୍ୱାନ ବୈଠକରେ ଉପସ୍ଥିତ ସଦସ୍ୟମାନେ ମତପ୍ରକାଶ କରି କହିଥିଲେ ଯେ, ଏହି ଐତିହାସିକ ଉତ୍ସବ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ବିଦ୍ୟାଳୟର ୧୬୩ ବର୍ଷର ଗୌରବମୟ ଇତିହାସ ଓ ଅସଂଖ୍ୟ ପୁରାତନ ଛାତ୍ରଙ୍କ ସ୍ମୃତିର ଏକ ମିଳନ ଉତ୍ସବ। ଏହି ମହାନ ଆୟୋଜନକୁ ସଫଳ କରିବା ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କୁ ଶାରୀରିକ ଉପସ୍ଥିତି, ସକ୍ରିୟ ସହଯୋଗ, ଆର୍ଥିକ ସହାୟତା ଓ ନିଜସ୍ୱ ଅବଦାନ ଦେବାକୁ ଆହ୍ୱାନ କରାଯାଇଥିଲା। ଦେଶ-ବିଦେଶ ଓ ବିଭିନ୍ନ ସ୍ଥାନରେ ରହୁଥିବା ସମସ୍ତ ପୁରାତନ ଛାତ୍ରଙ୍କ ସହଯୋଗ ଓ ସମର୍ଥନ ଆଶା କରାଯାଇଛି। ବୈଠକରେ ୨୦୦ରୁ ଅଧିକ ପୁରାତନ ଛାତ୍ର ଓ ସଦସ୍ୟ ଯୋଗଦେଇ ଏହି ଐତିହାସିକ ଆୟୋଜନ ପ୍ରତି ନିଜର ଉତ୍ସାହ ଓ ସମର୍ଥନ ପ୍ରକାଶ କରିଥିଲେ। ଶେଷରେ ସମ୍ପାଦକ ଶ୍ରୀ ଚିତରଞ୍ଜନ ଭଗତ ଉପସ୍ଥିତ ସମସ୍ତ ସଦସ୍ୟ, ପୁରାତନ ଛାତ୍ର ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମପ୍ରାଣା ସ୍ୱର୍ଗତା ସେବତୀ ସାମଲଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୨୨/୯(ନି/ପ୍ର): ଚଉଦକୁଲାଟ ନିକଟସ୍ଥ ଦକ୍ଷିଣ ଗ୍ରାମର ସ୍ୱର୍ଗତ ନୃସିଂହ ଚରଣ ସାମଲଙ୍କ ଧର୍ମପତ୍ନୀ ଦିବଂଗତା ସେବତୀ ସାମଲଙ୍କ ପୁଣ୍ୟ ଏକାଦଶାହରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଭାବଗ୍ରାହୀ କଳା ନିକେତନର କଳାକାରମାନେ ଭାବପୂର୍ଣ୍ଣ ଭଜନ ପରିବେଷଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ, ଗୀତିକାର ଏବଂ ସଂଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭବ୍ୟ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ାର ବିଧାୟକ ଗଣେଶ୍ୱର ବେହେରା, ପ୍ରାକ୍ତନ ପଂଚାୟତ ସମିତି ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ସମାଜସେବୀ ଦେବାଶିଷ ମହାନ୍ତି, ସ୍ୱେଚ୍ଛାସେବୀ କୈଳାସ ମିଶ୍ର, ସ୍ଥାନୀୟ ସରପଂଚ ରମାକାନ୍ତ ମଲିକ, ପ୍ରମୋଦ ଦାସ, ନାଏବ ସରପଂଚ ବିଜୟ ସାମଲ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତା ସେବତୀ ସାମଲଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ସ୍ମୃତିଚାରଣ କରିଥିଲେ। ପ୍ରଥମେ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠାତା ବିମଳ ପରିଡ଼ା ଅକ୍ଷୟ ମହାନ୍ତିଙ୍କ କାଳଜୟୀ ସାଲବେଗ ଭଜନ ମୋହ ମନ ମୋହରି ସେ ନୋହିଲାରେ ଏବଂ ମେଘ ମାଳାକୁ ନିନ୍ଦେ କଳାକୁ ଗାନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପରେ ପରେ ହେନାଞ୍ଜଳି ଜେନା, ଉପେନ୍ଦ୍ର ପାଢ଼ୀ, ସୁଶୀଲ ସୂତାର, ସୌଭାଗିନୀ ମହାପାତ୍ର, ରଞ୍ଜନ ବରାଳ, ଆଶିଷ ଦାସ, ସ୍ମୃତିରଞ୍ଜନ ବିଶ୍ୱାଳ, ବଳରାମ ମଲିକ, ଅମର ବିଶ୍ୱାଳ ପ୍ରମୁଖ କଳାକାରମାନେ ଭାବପୂର୍ଣ୍ଣ ଭଜନ ପରିବେଷଣ କରିଥିଲେ। ପ୍ରମୋଦ ସାମଲ, ବିନୋଦ ସାମଲ, ବିପିନ ବିହାରୀ ପରିଡ଼ା, ବିଭୁପଦ ବେହୁରା, ପ୍ରଦୀପ ସାମଲ, ପ୍ରଶାନ୍ତ ସାମଲ, ରାଜୀବ ସାମଲ, ପ୍ରମୁଖ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ରହି ସ୍ମୃତିଚାରଣ କରିବା ସହିତ ଭକ୍ତିପୂତ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଶେଷରେ ଜ୍ୟେଷ୍ଠ ପୁତ୍ର ପ୍ରମୋଦ ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋରୁ ବୋଝେଇ ପିକ୍‌ଅପ୍ ଜବତ

## ୯ ଗୋରୁ ଉଦ୍ଧାର; ଚାଳକ ଓ ହେଲପର ଅଟକ




କେନ୍ଦୁଝର,୨୨/୯(ନି/ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡ଼ା ଫାଣ୍ଡିରେ ଏକ ଜବତ ଗୋରୁବୋଝେଇ ପିକ୍‌ଅପ୍ ଥିବା ଦେଖିବାକୁ ମିଳିଛି। ସେଥିରେ ଥିବା ୯ଟି ଗୋରୁ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ, ବନ ବିଭାଗକୁ ଖବର ମିଳିଥିଲା ଯେ ଏକ ଚୋରା କାଠ ବୋଝେଇ ପିକ୍‌ଅପ୍ ଢେଙ୍କିକୋଟରୁ କରଞ୍ଜିଆ ଅଭିମୁଖେ ଯାଉଛି। ଏହାପରେ ବନ ବିଭାଗ କର୍ମଚାରୀମାନେ ତାର ପିଛା କରିଥିଲେ। ପରେ ଦେଖିବାକୁ ମିଳିଲା ଯେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ବି ତାର ପଛେପଛେ ଯାଉଛି। ବନ ବିଭାଗ କର୍ମଚାରୀମାନେ ପୁଲିସକୁ ଖବର ଦେଇଥିଲେ। ତାପରେ ଉଭୟ ପୁଲିସ ଓ ବନ ବିଭାଗ କର୍ମଚାରୀମାନେ ଦୁଇ ଗାଡ଼ିର ପିଛା କରିଥିଲେ। ତେବେ ଉଭୟ ଟିମ୍‌କୁ ଚକମା ଦେଇ ଚୋରା କାଠ ବୋଝେଇ ପିକ୍‌ଅପ୍ ଫେରାର୍ ହୋଇଯାଇଥିଲା। କିନ୍ତୁ ପୁଲିସ୍ ଗୋରୁ ବୋଝେଇ ପିକ୍‌ଅପ୍ ଧରିଥିଲେ। ସେହି ଗାଡ଼ିର ଚାଳକ ଓ ହେଲପରକୁ ବି ଧରି ଥାନାରେ ଅଟକ ରଖିଥିବା ଜଣାଯାଇଛି। ସାହାରପଡ଼ା ଫାଣ୍ଡିରେ ସେହି ଜବତ ଗୋରୁ ବୋଝେଇ ପିକ୍‌ଅପ୍ ରହିଛି।

# ଶୁଣିଲାନି ପ୍ରଶାସନ, ମରାମତି କଲେ ଗ୍ରାମବାସୀ

ବଲାଙ୍ଗୀର,୨୨/୯(ନି/ପ୍ର):ଦେଓଗାଁ ବ୍ଲକ୍ ମକୁନ୍ଦପୁର ପଂଚାୟତ ହିର୍ଲିମାଲ, ଡେଲପାଲି, ଜାମଝରଣକୁ ସଂଗୋଗ କରୁଥିବା ରାସ୍ତା ଶୋଚନୀୟ ଅବସ୍ଥାରେ ପଡ଼ିଥିବା ଏହି ରାସ୍ତାରେ ବିଭିନ୍ନ ସମୟରେ ବଡ଼ ବଡ଼ ଟ୍ରକ୍, ହାଇୱା ଗାଡ଼ି ଯାଇ ରାସ୍ତାରେ ଏପରି ଅବସ୍ଥା ଦେଖିବାକୁ ମିଳିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହେବ ସହ ରାସ୍ତାରେ ଉଭୟ ପାଖରେ ମାଟି ଧସି ଯାଉଥିବା ଦେଖିବାକୁ ମିଳୁଛି।

# ଆସନ୍ତା ୨୬ ତାରିଖ ଦିନ ଅନୁଗୋଳଠାରେ ହେବାକୁ ଥିବା ଏମଏମଡିଆର ସଂଶୋଧନ ଅଧିନିୟମ ୨୦୨୬ ବିରୁଦ୍ଧରେ ଆଂଚଳିକ ସମାବେଶକୁ ସଫଳ କରିବା ପାଇଁ ପ୍ରସ୍ତୁତି ବୈଠକ




ଅନୁଗୋଳ,୨୨/୯ (ନି/ପ୍ର): ଆସନ୍ତା ୨୬ ତାରିଖ ଦିନ ଅନୁଗୋଳଠାରେ ହେବାକୁ ଥିବା ଏମଏମଡିଆର ସଂଶୋଧନ ଅଧିନିୟମ ୨୦୨୬ ବିରୁଦ୍ଧରେ ଆଂଚଳିକ ସମାବେଶକୁ ସଫଳ କରିବା ପାଇଁ ଗତକାଲି ଜିଲ୍ଲା କଂଗ୍ରେସ ଭବନଠାରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିୟୋଜିତ ଏକ କମିଟି ପୂର୍ବତନ ମନ୍ତ୍ରୀ ଅମରନାଥ ପ୍ରଧାନଙ୍କ ନେତୃତ୍ୱରେ ଆସି ହେବାକୁଥିବା ଚାରି ଜିଲ୍ଲାର ସଭାପତି ଓ କର୍ମକର୍ତ୍ତାମାନଙ୍କ ସହ ଏକ ପ୍ରସ୍ତୁତି ବୈଠକରେ ବିସ୍ତୃତ ଆଲୋଚନା କରିବା ସହ ସମସ୍ତ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ। ଗତକାଲି ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଦେଇଥିବା ନିର୍ଦ୍ଦେଶକୁ ସମସ୍ତ କର୍ମକର୍ତ୍ତାମାନଙ୍କୁ ନିୟୋଜିତ କମିଟି ଅବଗତ କରାଇବା ସହ ଏହାକୁ ସଫଳ କରିବା ପାଇଁ ସମସ୍ତଙ୍କ ମତାମତ ଗ୍ରହଣ କରିଥିଲେ। ଏମଏମଡିଆର ସଂଶୋଧନ ଅଧିନିୟମ ୨୦୨୬ ଓଡ଼ିଶାର ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭାବେ ଆଖି ବନ୍ଦକରି ଦେଇ, ଆମ ରାଜ୍ୟର ରାଜସ୍ୱକୁ କ୍ଷତି ପହଚାଂଇବାକୁ ଆଦୌ ଓଡ଼ିଶାବାସୀ ଦେବେ ନାହିଁ। ଏଣୁ ସାଧାରଣରେ ମଧ୍ୟ ଏହାର ବିରୋଧ ହେଉଛି। ଏଣୁ ଏହାକୁ କଠୋରରୁ କଠୋରତମ ଭାବେ ଆନ୍ଦୋଳନ ଜାରି ରଖିବାକୁ ପଡିବ। ସମସ୍ତ ଉପସ୍ଥିତ ଜିଲ୍ଲା କଂଗ୍ରେସ ସଭାପତି ଓ କର୍ମକର୍ତ୍ତା ଉକ୍ତ ସମାବେଶକୁ ସଫଳ କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ସମାବେଶକୁ ୩୦ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହେବାର ଆଶା କରାଯାଉଛି ବୋଲି ପ୍ରକାଶ ପାଇଥିଲା। ଉକ୍ତ ପ୍ରସ୍ତୁତି ବୈଠକରେ ବିଧାୟକ ତଥା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି କୃଷ୍ଣ ଚନ୍ଦ୍ର ସାଗରିଆ, ଉପସଭାନେତ୍ରୀ ସସ୍ମିତା ବେହେରା, ସାଧାରଣ ସମ୍ପାଦକ ଅଭିଲାଷ ମାଣିଆ, ସତ୍ୟଜିତ ପଟ୍ଟନାୟକ, ଲଲାଟେନ୍ଦୁ ଦାସ, ବିଜୟାନନ୍ଦ ଚାଉଳିଆ, ରୂପାଦୀପ୍ତା ମହାପାତ୍ର, ସଂପାଦକ ଦେବାଶିଷ ମହାପାତ୍ର, ଦିଗାମ୍ବର ଗଡନାୟକ, ପ୍ରମୁଖ ଯୋଗଦେଇ ଥିବା ବେଳେ ଢେଙ୍କାନାଳ ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ, ବଉଦ ଜିଲ୍ଲା କଂଗ୍ରେସ ସଭାପତି କରିମ୍ ସଲିମ୍ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ସଂପାଦକ ଜିତେନ୍ଦ୍ର କୁମାର ସାହୁ, ସୁଦୀପ ମିଶ୍ର, ରାଜ୍ୟ ଆଦିବାସୀ କଂଗ୍ରେସ ସାଧାରଣ ସମ୍ପାଦକ ତପନ ପ୍ରଧାନ, ରାଜ୍ୟ ଏସସି ସେଲର ସାଧାରଣ ସମ୍ପାଦକ ଟିକନ ବେହେରା, ନୀଳକଣ୍ଠ ନାଏକ, ରାଜ୍ୟ କୃଷକ କଂଗ୍ରେସ ଉପସଭାପତି ଉମେଶ ଚନ୍ଦ୍ର ସାହୁ, ଦାଶରଥି ସାହୁ, ଜିଲ୍ଲା କଂଗ୍ରେସ ଉପସଭାପତି ଗୋପାଳ ଚନ୍ଦ୍ର ନାଥ, ଚିନ୍ମରଞ୍ଜନ ନାଏକ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଧିର, ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଜିଲ୍ଲା କୃଷକ କଂଗ୍ରେସ ସଭାପତି ସୌମେନ୍ଦ୍ର ଦେହୁରୀ, ତାଳଚେର ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ନଗର ସଭାପତି ପ୍ରଫୁଲ୍ଲ ଦାସ, ଅନୁଗୋଳ ବ୍ଲକ ସଭାପତି ରାକେଶ ମିଶ୍ର, ବଣ୍ଟଁରପାଳ ବ୍ଲକ ସଭାପତି ବିନୋଦ ମାଝୀ, ଛେଣ୍ଡିପଦା ବ୍ଲକ୍ ସଭାପତି ଅଜୟ କୁମାର ବେହେରା, ଅନୁଗୋଳ ନଗର ସଭାପତି ରଶ୍ମିରଞ୍ଜନ ସାହୁ ପ୍ରମୁଖ ଉକ୍ତ ବୈଠକରେ ଯୋଗ ଦେଇଥିଲେ।

# ମାଲକାନଗିରିରେ ସେବା ସଂକଳ୍ପ ଅଭିଯାନ ସମୀକ୍ଷା

## ଜନଭାଗିଦାରୀ ଓ ଜନଜାତି ଶିକ୍ଷାର ବିକାଶ ଉପରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଗୁରୁତ୍ୱ

ମାଲକାନଗିରି,୨୨/୯ (ନି/ପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ସେବା ସଂକଳ୍ପ ଅଭିଯାନର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ବୈଠକରେ ସଭାପତିତ୍ୱ କରି କାର୍ଯ୍ୟକ୍ରମର ସୁଚାରୁ ମାର୍ଗଦର୍ଶନ କରିଥିଲେ। ଗତ ୧୭ ସେପ୍ଟେମ୍ବରରୁ ଆରମ୍ଭ ହୋଇ ଆସନ୍ତା ୧୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବ୍ୟାପକ ଅଭିଯାନର ଚଳିତ ସେପ୍ଟେମ୍ବର ୨୦ ତାରିଖ ସୁଦ୍ଧା ହୋଇଥିବା ଅଗ୍ରଗତି ଉପରେ ବୈଠକରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଛି। ଏହି ଅବସରରେ ନିଜର ପ୍ରତିକ୍ରିୟା ଦେଇ ମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶରେ ଚାଲିଥିବା ଗରିବ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଂଚାଇବା ଏବଂ ଏହାକୁ ଏକ ବ୍ୟାପକ ଜନଭାଗିଦାରୀରେ ପରିଣତ କରିବା ହିଁ ସେବା ସଂକଳ୍ପ ଅଭିଯାନର ମୂଳ ଲକ୍ଷ୍ୟ। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଆମକୁ ଯୁବପିଢ଼ିଙ୍କୁ ଉତ୍ସାହିତ କରିବାକୁ ହେବ। ମାଲକାନଗିରି ଭଳି ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ଜନଜାତି ଶିକ୍ଷା ଓ ଅଙ୍ଗନୱାଡ଼ି ବ୍ୟବସ୍ଥାର ସୁଦୃଢ଼ୀକରଣ ଏକାନ୍ତ ଆବଶ୍ୟକ। ଏଥିସହ ଚିତ୍ରକୋଣ୍ଡା ଅଂଚଳରେ ମାଛ ଚାଷର ବ୍ୟାପକ ସମ୍ଭାବନାକୁ ଆଗକୁ ବଢ଼ାଇବା ସହ ଜିଲ୍ଲାର ପ୍ରତି ବ୍ଲକ୍ ଏବଂ ପଂଚାୟତ ସ୍ତରରେ ସ୍ୱତନ୍ତ୍ର ଲକ୍ଷ୍ୟ ରଖି ଅଧିକରୁ ଅଧିକ ସ୍ଥାନୀୟ ଶିଳ୍ପଦ୍ୟୋଗୀ ସୃଷ୍ଟି କରିବା ଉପରେ ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ମନ୍ତ୍ରୀ ଶ୍ରୀ ମଲ୍ଲିକ ନିଜ ବିଭାଗର ମଧ୍ୟ ସମୀକ୍ଷା କରିବା ସହ ସରକାରୀ ଯୋଜନାଗୁଡ଼ିକ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ କହିଛନ୍ତି। ବିଶେଷ କରି ମାଲକାନଗିରି ଓ କୋରାପୁଟ ଅଂଚଳରେ ଶିଳ୍ପଦ୍ୟୋଗର ବିକାଶ ପାଇଁ ସରକାରଙ୍କ ପକ୍ଷରୁ କୌଣସି ସୀମିତ ଟାର୍ଗେଟ୍ ରଖାଯାଇ ନାହିଁ, ତେଣୁ ଏହି ଅଂଚଳରୁ ଯେତେ ଅଧିକରୁ ଅଧିକ ସଂଖ୍ୟାରେ ନୂତନ ଉଦ୍ୟୋଗୀ ବାହାରି ପାରିବେ ସେଥିପାଇଁ ସମସ୍ତେ ଚେଷ୍ଟା କରିବା ଉଚିତ। ବୈଠକରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମନ୍ତ୍ରୀଙ୍କୁ ସେବା ସଂକଳ୍ପ ଅଭିଯାନ ବିଷୟରେ ଅବଗତ କରାଇଥିଲେ। ଏହାପରେ ମାଲକାନଗିରିର ବିଧାୟକ ନରସିଂହ ମାଡକାମୀ ଅଭିଯାନର ସଫଳ ରୂପାୟନ ନେଇ ନିଜର ମାର୍ଗଦର୍ଶନ ଓ ଗୁରୁତ୍ୱପୂର୍ଣ୍ଣ ଅଭିମତ ଉପସ୍ଥାପନ କରିଥିଲେ। ଗ୍ରାମାଂଚଳରେ ସରକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ଏବଂ ଜନସଚେତନତା ବୃଦ୍ଧିପାଇଁ ସେବା ଜ୍ୟୋତି ଯାତ୍ରା, ପଥପ୍ରାନ୍ତ ନାଟକ ଓ ରଙ୍ଗୋଲି କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ନିକଟରେ ପହଂଚିବାକୁ ରଣନୀତି ପ୍ରସ୍ତୁତ କରାଯାଇଛି। ଶେଷରେ ସମସ୍ତ ଜନପ୍ରତିନିଧି, ଅଧିକାରୀ ଓ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ସକ୍ରିୟ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରାଯାଇ ବୈଠକ ସାଙ୍ଗ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ଥିଲେ।




ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଝୁମ୍ପୁରା ବ୍ଲକ ବିଜେଡ଼ିର ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଛି

# ଡିଆଇସି ଛକ ନିକଟ ରେସ୍ତୋରାଁରେ ଗ୍ୟାସ୍ ଟାଙ୍କି ଫାଟି ଭୟାବହ ଅଗ୍ନିକାଣ୍ଡ



ବାଲେଶ୍ୱର,୨୨/୯(ନି/ପ୍ର): ବାଲେଶ୍ୱର ସହର ଡିଆଇସି ଛକ ନିକଟସ୍ଥ ଶାନ୍ତି ରେସ୍ତୋରାଁରେ ସୋମବାର ସକାଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଆଜି ପ୍ରାୟ ସାଢ଼େ ୧୦ଟା ସମୟରେ ରେସ୍ତୋରାଁରେ ଥିବା ଗ୍ୟାସ୍ ଟାଙ୍କି ଫାଟିଯିବା ପରେ ହଠାତ୍ ନିଆଁ ଲାଗି ଯାଇଥିବା ଜଣାପଡ଼ିଛି। ଦେଖୁ ଦେଖୁ ନିଆଁ ରେସ୍ତୋରାଁର ବିଭିନ୍ନ ଅଂଶକୁ ବ୍ୟାପିଯାଇଥିଲା। ଅଗ୍ନିକାଣ୍ଡରେ ରେସ୍ତୋରାଁଟି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବାବେଳେ ନିକଟରେ ଥିବା କିଛି ଗାଡ଼ି ମଧ୍ୟ ନିଆଁରେ ପୋଡ଼ି କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ନିଆଁର ପ୍ରକୋପ ଏତେ ତୀବ୍ର ଥିଲା ଯେ ଘଟଣାସ୍ଥଳରୁ ଧୂଆଁର ମୋଟା ଆସ୍ତରଣ ଦୂରରୁ ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ବାଲେଶ୍ୱର ଅଗ୍ନିଶମ ବାହିନୀର ୩ଟି ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଚିଂଛନ୍ତି। ଅଗ୍ନିଶମ କର୍ମଚାରୀମାନେ ଦୀର୍ଘ ସମୟ ଧରି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଗ୍ୟାସ୍ ଟାଙ୍କି ବିସ୍ଫୋରଣ ପରେ ଅନ୍ୟ ଟାଙ୍କିକୁ ପ୍ରଥମେ ଅଗ୍ନିଶମ ବାହିନୀ ସତର୍କତାର ସହ ବାହାର କରିଦେଇଥିଲା। ଏପର୍ଯ୍ୟନ୍ତ ଅଗ୍ନିକାଣ୍ଡରେ କୌଣସି ଜୀବନହାନି ହୋଇଥିବା ଖବର ମିଳିନାହିଁ। ତେବେ ଅଗ୍ନିକାଣ୍ଡରେ ମୋଟ କେତେ ପରିମାଣର ସମ୍ପତ୍ତି ନଷ୍ଟ ହୋଇଛି ଏବଂ କେତେ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି, ସେନେଇ ସ୍ପଷ୍ଟ ସୂଚନା ଅଗ୍ନିଶମ ଅପରେସନ୍ ସରିବା ପରେ ଜଣାପଡ଼ିବ।

# ନିଖୋଜ ଯୁବକ ୨ ଦିନପରେ କେନାଲରୁ ଉଦ୍ଧାର

ଜୟପୁର,୨୨/୯ (ନି/ପ୍ର):ଜୟପୁର ଦେଇଯାଇଥିବା କେନାଲରେ ବୁଡ଼ି ନିଖୋଜ ଯୁବକର ଶବ ଦୁଇ ଦିନ ପରେ ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ହେଲେ ଭୁପତି ସାହିର ରାଜେଶ ପଟ୍ଟନାୟକ(୨୧) । ସୂଚନା ଅନୁଯାଇ ଗତ ୧୮ ତାରିଖରେ ପୁରୁଣାଗଡ ଛକ ନିକଟ କେନାଲରେ ଗାଧୋଉଥିବା ବେଳେ ଯୁବକ ନିଖୋଜ ହୋଇ ଯାଇଥିଲେ । ଏନେଇ ଜୟପୁର ଅଗ୍ନିଶମ ବିଭାଗକୁ ସୂଚନା ଦେବା ପରେ ଘଟଣା ସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା । ଆଜି ସକାଳୁ ସେଠାରେ ଶବ ଭାସୁଥିବା ଦେଖି ଅଗ୍ନିଶମ ବିଭାଗ ଶବକୁ ଉଦ୍ଧାର କରି଼ବା ବିଷୟ ସହକାରି ଅଗ୍ନିଶମ ଅଧୁକାରି ରମେଶ ବେହେରା ସୂଚନା ଦେଇଛନ୍ତି । ଏନେଇ ଜୟପୁର ଟାଉନ ପୋଲିସ ୧୯/୨୬ ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବିଷୟ ଜୟପୁର ଟାଉନ ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ତିନି ଦଫା ଦାବିପୂରଣ ପାଇଁ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର ବିଶାଳ ଆନ୍ଦୋଳନ ନେଇ ସଜବାଜ

ଜୟପୁର,୨୨/୯(ନି/ପ୍ର): ତିନି ଦଫା ଦାବିପୂରଣ ପାଇଁ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର ବିଶାଳ ଆନ୍ଦୋଳନ ନେଇ ସଜବାଜ ଆରମ୍ଭ ହେଲାଣି । କଥା ଦେଇ କଥା ରଖୁ ନାହାନ୍ତି ମୋହନ ସରକାର। କ୍ଷମତାକୁ ଆସିବା ଆଗରୁ ଦୃଢ ପ୍ରତିଶ୍ରୁତି, କ୍ଷମତାରେ ବସିଲା ପରେ ଆଉ ପାଖ ମଡେଇ ଦେଉ ନାହାନ୍ତି। ଗତ ମାଚ୍ଚ ମାସରେ ଆନ୍ଦୋଳନ ଚାଲିଥିବା ବେଳେ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବି କିଛି ଫଳପ୍ରଦ ହେଉ ନାହିଁ। ୨୪ ବର୍ଷର ସରକାରରେ ବିଭିନ୍ନ କାରଣରୁ ୨୯୭ ଜଣ ଛଟେଇ ହୋଇଥିଲେ। କିନ୍ତୁ ୨ ବର୍ଷର ସରକାର, ଚାରି ହଜାରରୁ ଉର୍ଦ୍ଧକର୍ମଚାରୀ ଙ୍କୁ ଅତ୍ୟନ୍ତ ନିଷ୍ଠୁର, ଅର୍ନ୍ୟାୟ ଓ ଅବିଚାରିତ ଭାବେ ଛଟେଇ କରି ସେମାନଙ୍କ ଅସହାୟ ପରିବାରକୁ ଦୁର୍ଦ୍ଦିନ ମଧ୍ୟକୁ ଠେଲି ଦେଇଛନ୍ତି। ବର୍ଷବର୍ଷ ଧରି ନିଷ୍ଠାପର ଭାବେ ସେବା ଯୋଗାଇ ଆସୁଥିଲେ ମଧ୍ୟ ସ୍ଥାୟୀ କରା ଯାଉନି, ବାରମ୍ବାର ଆବେଦନ ନିବେଦନ କଲେ ମଧ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ ମହାସଙ୍ଘକୁ ଶୁଣିବା ପାଇଁ ଦୁଇ ମିନିଟ ସମୟ ଦେଉନାହାନ୍ତି ମାତ୍ର ବିଭିନ୍ନ ଗଣ ମାଧ୍ୟମ ମାନଙ୍କ ପ୍ରଶ୍ନ ରେ ମାନ୍ୟବର ବରେଣ୍ୟ ଲୋକଙ୍କ ମୁଖ୍ୟମନ୍ତ୍ରୀ ଉତର ରଖୁଛନ୍ତି ଯେ ଆମେ ସରଜମିନ ତଦନ୍ତ କରୁଛୁ କିଛି ଭଲ ନିଷ୍ପତି ନିଆଯିବ କିନ୍ତୁ କେବେ ସେ ନିଷ୍ପତି ନେବେ କିଛି ଜଣାପଡିଲା ନାହିଁ । ରାଜ୍ୟର ସମଗ୍ର ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ଓଡିଶାର ନାଗରିକ ଭାବେ ବିଚାର କରୁନାହାନ୍ତି ଓ ଆର୍ଥିକ ମାନସିକ ଚାପପକେଇ ସେମାନକ ସଂସାରକୁ ରସାତଳକୁ ନେଇଯାଉଛନ୍ତି ବୋଲି ଓଡିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ସରକାରଙ୍କ ଏଭଳି ଜନ ବିରୋଧୀ ଶୋଷଣ ଓ ଅହଂକାର କୁ ବିରୋଧ କରି ନ୍ୟାୟ ପାଇବା ଆଶାରେ ପୁଣି ଆନ୍ଦୋଳନ କୁ ଓହ୍ଲାଇବାକୁ ମହାସଂଘ ସଜବାଜ ହେଲାଣି । ବ୍ଲକ ଠାରୁ ସଚିବାଳୟ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ସାରା ଓଡିଶାର ହଜାର ହଜାର କର୍ମଚାରୀଙ୍କ ପ୍ରତିବାଦ । ସମାଗତ ବିକ୍ଷୋଭକାରି କର୍ମଚାରୀ ଙ୍କୁ ଆହ୍ୱାନ ଦେଇ ମହାସଂଘର ନେତୃମଣ୍ଡଳୀ କହିଥିଲେ ଯେ ବିଗତ ସରକାର ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ କିଛି କିଛି ଦାବି ପର୍ଯ୍ୟାୟ କ୍ରମେ ପୂରଣ କରିଥିଲେ ଓ ମୁଖ୍ୟ ଦାବି ଗୁଡିକ ସମାଧାନ ପାଇଁ ଏକ ଆଉଟସୋର୍ସିଙ୍ଗ ଆମ୍ଭୁତ୍ତସମ୍ୟାନ ର ବ୍ୟବସ୍ଥା କରିଥିଲେ। କିନ୍ତୁ ବିଜେପି ସରକାର ଆସିଲା ପରେ ଦାବି ପୂରଣ ତ ଦୂରର କଥା ପ୍ରତିଦିନ ବ୍ୟାପକ ଛଟେଇ କରାଯାଉଛି ଓ ମାସ ମାସ ଧରି ଦରମା ଦିଆଯାଉନି । ତିନି ଦଫା ଦାବି ପୂରଣ ପାଇଁ ମହାସଂଘ ପକ୍ଷରୁ ଚଳିତ ବର୍ଷ ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନ ସ୍ଥଳକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଦୁଇଜଣ ବିଧାୟକ ମହୋଦୟ ଆସି ମାନ୍ୟବର ମୁଖ୍ୟମନ୍ତ୍ରୀ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ଏକ କମିଟି ମାନ୍ୟବର ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠନ କରିଛନ୍ତି ବୋଲି ଘୋଷଣା କଲେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ମଧ୍ୟ କରେଇଦେଲେ । କିନ୍ତୁ ମାସ ମାସ ବିତିଥିଲେ ବି ମୁଖ୍ୟମନ୍ତ୍ରୀ ସମୟଦେଲେ ନାହିଁ କି ସମସ୍ୟାର ସମାଧାନ ପାଇଁ ସାମାନ୍ୟ ସୌଜନ୍ୟ ପ୍ରକାଶ କଲେ ନାହିଁ । ଅଧିକନ୍ତୁ ବିଭିନ୍ନ ମେଳା ମୌହ୍ସବ ରେ ଭାଷଣ ପାଇଁ ସମୟ ପାଉଥିବା ମାନ୍ୟବର ଲୋକଙ୍କ ମୁଖ୍ୟମନ୍ତ୍ରୀ ଅସହାୟ ଶୋଷିତ କର୍ମଚାରୀଙ୍କ ସହ ଆାଲୋଚନା ପାଇଁ ୫ ମିନିଟ ସମୟଦେଉ ନାହାନ୍ତି ଅଧିକନ୍ତୁ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ନୀଚ ଓ ବିଶ୍ୱାସଯୋଗ୍ୟ ନୁହନ୍ତି ବୋଲି ନିମ୍ନରୁଚିର ମନ୍ତବ୍ୟ ଦେଇଚାଲିଛନ୍ତି । ପୂର୍ବ ସରକାରରେ ଅମଲାରାଜ ଚାଲୁଥିଲା ବୋଲି ଅପପ୍ରଚାର କରୁଥିବା ବିରୋଧୀ ଦଳ ନିଜେ କ୍ଷମତାକୁ ଆସିବା ପରେ ଉଚ୍ଚ ପଦବୀରେ ଥିବା ଅମଲା ମାନଙ୍କ ଚକ୍ରବ୍ୟୁହରେ ଫସିଥିବା ସ୍ପଷ୍ଟ ହୋଇଯାଇଛି । ୨୪ ବର୍ଷ ମଧ୍ୟରେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ପ୍ରତି ଯେଉଁ ଅତ୍ୟାଚାର ଓ ଶୋଷଣ ହୋଇ ନଥିଲା, ତାହା ଏବେ ଭୟଙ୍କରଭାବେ କରାଯାଉଛି ବୋଲି ନେତୃମଣ୍ଡଳୀ ଅଭିଯୋଗ କରିଥିଲେ । ବହୁ ନିବେଦନ ପରେ ଯେତେବେଳେ ଆାଉଟସୋର୍ସିଙ୍ଗ କର୍ମଚାରୀଙ୍କ ପ୍ରତି ଓ ସେମାନଙ୍କ ନ୍ୟାୟସଙ୍ଗତ ତିନି ଦଫା ଦାବି ପ୍ରତି ସରକାରଙ୍କ ମାନସିକତା ର ପରିବର୍ତନ ହେଉନାହିଁ ଏବଂ ଦାବି ପୂରଣ ନ କରି ପ୍ରତିଦିନ ଛଟେଇ,ଦରମା ବନ୍ଦ ଭଳି କୁଣ୍ଠିତ ବ୍ୟବସ୍ତା ଜାରି ରହିଛି । ରାଜ୍ୟ ସରକାର ନିଜେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ସମସ୍ୟାର ସମାଧାନ ନିମନ୍ତେ ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି କଥା ଘୋଷଣା କରିଥିଲେ ସୁଦ୍ଧା କାହିଁକି ଉକ୍ତ କମିଟି ସହ ମୁଖ୍ୟମନ୍ତ୍ରୀ ଆଲୋଚନାକରି ସମସ୍ୟା ସମାଧାନ କରୁନାହାନ୍ତି ବୋଲି ପ୍ରଶ୍ନ କରିଛି ସଂଘ । ଦୀର୍ଘବର୍ଷର ସଫଳ ସେବା ଓ ଅଭିଜ୍ଞତାକୁ ଆଧାର କରି ସ୍ଥାୟୀ କରିବା, ଛଟେଇ ବନ୍ଦ ସହ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଓ ଡେଲି ୱେଜେସ ଆଉଟସୋର୍ସିଙ୍ଗ ଦୈତ୍ୟ ବ୍ୟବସ୍ଥା ବଦଳ ରେ ଏକକ ବ୍ୟବସ୍ଥା ଗ୍ରହଣ କରିବା ଓ ସ୍ଥାୟୀ ହେବା ପର୍ଯ୍ୟନ୍ତ ଚାକିରି ନିରାପତା ଯୋଗାଇ ଦେବା ଆଦି ତିନି ଦଫା ଦାବି ନେଇ ଆନ୍ଦୋଳନ କରିବାକୁ ସଜବାଜ ହେଉଛି ।

# ବିବିଧା



## 'ଜେଲର ୨'ରେ ନୂଆ ଭୂମିକାରେ ବିଦ୍ୟା

ସୁପରଷ୍ଟାର ରଜନୀକାନ୍ତଙ୍କ ବହୁପ୍ରତୀକ୍ଷିତ ପାନ୍-ଇଣ୍ଡିଆ ଫିଲ୍ମ ଜେଲର-୨ କୁ ନେଇ ଫ୍ୟାନ୍ସଙ୍କ ମନରେ ଉତ୍ସାହ ବଢିବାରେ ଲାଗିଛି । ଏହି ଫିଲ୍ମରେ ବଲିଉଡ ଅଭିନେତ୍ରୀ ବିଦ୍ୟା ବାଲାନ ନଜର ଆସିବେ । ଏହି ଫିଲ୍ମରେ ବିଦ୍ୟା ବାଲାନଙ୍କ ଲୁକ୍ ଦେଖି ଫ୍ୟାନ୍ସ ଆଶ୍ଚର୍ଯ୍ୟ ହୋଇଛନ୍ତି । ମେକର୍ସ ବିଦ୍ୟା ବାଲାନଙ୍କ ଫାଷ୍ଟ ଲୁକ୍ ର ଟିଜର ଜାରି କରିଛନ୍ତି । ଫିଲ୍ମରେ ବିଦ୍ୟା କାନ୍ଥା ନାମକ ଚରିତ୍ରରେ ନଜର ଆସିବେ । ବିଦ୍ୟାଙ୍କ ସ୍ୱତନ୍ତ୍ର ଝଲକ ଦେଖି ଭୂମିକା ବହୁତ ଦମଦାର ହୋଇଥିବା ଜଣାପଡୁଛି । ଫିଲ୍ମଟି ଆସନ୍ତା ଅକ୍ଟୋବର ୧୫, ୨୦୨୬ ରେ ରିଲିଜ ହେବ । ୨୦୨୩ ର ସୁପରହିଟ୍ ଫିଲ୍ମ ଜେଲର୍ ସଫଳତା ପରେ ରଜନୀକାନ୍ତ ପୁଣି ଥରେ ଟାଇଗର୍ ମୁଥୁଭେଲ୍ ପାଣ୍ଡିଆନ୍ ଭୂମିକାରେ ଫେରୁଛନ୍ତି । ବିଦ୍ୟା ବଲାନଙ୍କ ବ୍ୟତୀତ ଏହି ସିକ୍ୱେଲରେ ଏସ୍.ଜେ. ସୂର୍ଯ୍ୟ, ମାଲାୟାଲମ୍ ଅଭିନେତା ସୂରଜ ଭେଞ୍ଜାରାମୁଡୁ, ମିଥୁନ ଚକ୍ରବର୍ତ୍ତୀ ଏବଂ ଜତିନ୍ ସର୍ଣ୍ଣା ମଧ୍ୟ ନୂଆ ଭୂମିକାରେ ନଜର ଆସିବେ । କନ୍ନଡ଼ ସୁପରଷ୍ଟାର ଶିବ ରାଜକୁମାର ମଧ୍ୟ ଏଥିରେ କେମିଓ ଭୂମିକାରେ ନଜର ଆସିପାରନ୍ତି । ଅନିରୁଦ୍ଧ ରବିଚନ୍ଦର ମ୍ୟୁଜିକ ଦାୟିତ୍ୱ ନେଇଛନ୍ତି । ଫିଲ୍ମରେ ବିଦ୍ୟା ବାଲାନଙ୍କ ଭୂମିକାକୁ ନେଇ ଅଧିକ କିଛି ସୂଚନା ମିଳିନି । ହେଲେ ବିଦ୍ୟା ମିଥୁନ ଚକ୍ରବର୍ତ୍ତୀଙ୍କ ବଡ଼ ଝିଅ ଭୂମିକାରେ ନଜର ଆସନ୍ତି ବୋଲି ଜଣାପଡିଛି । ଫିଲ୍ମରେ ମିଥୁନ ମେନ୍ ଖଳନାୟକ ଭୂମିକାରେ ନଜର ଆସିବେ । ସେ ରଜନୀକାନ୍ତଙ୍କ ଚରିତ୍ର ମୁଥୁଭେଲ ପାଣ୍ଡିଆନଙ୍କୁ କଡ଼ା ଟକ୍କର ଦେବେ । ବିଦ୍ୟାଙ୍କ ଭୂମିକା ଏହି ଫିଲ୍ମରେ ଗୁରୁତ୍ୱପୂର୍ଣ୍ଣ ହୋଇପାରେ । ତେବେ ଏନେଇ ବିଶେଷ କିଛି ଜଣାପଡିନାହିଁ । ଏଥିରେ ମୋହନଲାଲ, ଶିବା ରାଜକୁମାର, ଜ୍ୟାକି ଶ୍ରଫ, ବିଜୟ ସେତୁପତି, ହ୍ରିତିକ ରୋଶନ ଭଳି କଳାକାର ନଜର ଆସିପାରନ୍ତି । ପ୍ରଥମ ଫିଲ୍ମ ଜେଲର ୨୦୨୩ରେ ରିଲିଜ ହୋଇଥିଲା । ଏହି ଫିଲ୍ମକୁ ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଭଲ ଆୟ ମିଳିଥିଲା । ଫିଲ୍ମଟି ସାରା ବିଶ୍ୱରେ ୬୦୪ କୋଟିରୁ ଅଧିକ ଆୟ କରିଥିଲା । ତେଣୁ ଏହାର ସିକ୍ୱେଲକୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ରହିଛନ୍ତି



## କେଉଁ ରୋଗ ପାଇଁ କେଉଁ ଫଳ ଖାଇବେ

ନିୟମିତ କିଛି ଅଭ୍ୟାସ ଦ୍ୱାରା ମଣିଷ ନିରୋଗ ଏବଂ ସୁସ୍ଥ ରହିପାରିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦିଅନ୍ତି। ଶରୀରରେ କେଉଁ ରୋଗ ଥିଲେ ପ୍ରତିଦିନ କେଉଁ କେଉଁ ଖାଦ୍ୟପଦାର୍ଥ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦେବା ଦରକାର ସେ ବିଷୟରେ ଆସନ୍ତୁ ଜାଣିବା।

**ମାନସିକ ଅବସାଦ:** ଡିପ୍ରେସନ ବା ମାନସିକ ଅବସାଦ ଏବେ ଅଧିକାଂଶ ଲୋକଙ୍କଠାରେ ସାଧାରଣ ରୋଗ ଭାବେ ପରିଚିତ। ଏହା ମଣିଷକୁ ଭିତରୁ ଦୁର୍ବଳ ଏବଂ ଶକ୍ତିହୀନ କରିଦିଏ। ଏଭଳି ସ୍ଥିତିରେ ଚିନ୍ତା ଏବଂ ବିବାଦୀୟ କାର୍ଯ୍ୟକଳାପରୁ ଦୂରେଇ ରହିବା ସହିତ ନିୟମିତ ଗାଜର, ବିଟ୍, ନାସପାତି ଏବଂ ପାଳଙ୍ଗ ଶାଗର ରସ ସେବନ କଲେ ଉପଶମ ମିଳେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କୁହନ୍ତି।

**ମଧୁମେହ:** ମଧୁମେହ ବା ଡାଇବେଟିସ ମଧ୍ୟ ଅନ୍ୟତମ ସାଧାରଣ ରୋଗ, ଯାହାଦ୍ୱାରା ଏବେ ଯୁବପିଢ଼ି ବି ଶିକାର ହେଉଛନ୍ତି। ତେଣୁ ନିୟମିତ କଲରା, ପାଳଙ୍ଗ ଶାଗ, ନାସପାତି ଏବଂ ଗାଜର ରସ ପିଇବା ଦ୍ୱାରା ମଧୁମେହ ନିୟନ୍ତ୍ରଣରେ ରହିପାରିବ।

**ଶ୍ୱାସ:** ଶ୍ୱାସ ରୋଗ ବା ଆସ୍ଥମାଠାରୁ ଉପଶମ ପାଇବାକୁ ହେଲେ ନାସପାତି ରସ କିମ୍ବା ଅଦା ରସ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହା ବ୍ୟତୀତ ସ୍ୱଚ୍ଛ ଗୋଲମରିଚ ଗୁଣ୍ଡ ମହୁ ସହିତ ସକାଳୁ ଚାଟିବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ।

**ସ୍ମରଣଶକ୍ତି :** ଅଙ୍ଗୁର ଏବଂ ଡାଳିମ୍ବକୁ ସକାଳ ଭୋଜନରେ ସାମିଲ କରିବା ଦରକାର। ଏହା ସ୍ମରଣଶକ୍ତି ହ୍ରାସକୁ ରୋକିଥାଏ। ତା' ସହିତ ତୁଳସୀ ଏବଂ ବ୍ରାହ୍ମି ରସ ମଧ୍ୟ ବେଶ୍ ଲାଭପ୍ରଦ ହୋଇଥାଏ।

**ପାଚନ ସମସ୍ୟା:** ଲେମ୍ବୁ, ସପୁରୀ, ଗାଜର କିମ୍ବା ପୁଦିନା ରସ ପାଚନ ଶକ୍ତି ବଢ଼ାଇବା ସହିତ ପାଚନ ଜନିତ ସମସ୍ୟା ଦୂର କରିଥାଏ।

**କିଡନୀ ଷ୍ଟୋନ୍:** ଅନେକ ସମୟରେ ବିଭିନ୍ନ କାରଣରୁ କିଡନୀରେ ଷ୍ଟୋନ୍ ହୋଇଥାଏ। ଏଥିରୁ ରକ୍ଷା ପାଇବାକୁ ହେଲେ ତରଭୁଜ, ଲେମ୍ବୁ, କମଳା କିମ୍ବା ନାସପାତି ରସ୍ ନିୟମିତ ବ୍ୟବଧାନରେ ସେବନ କରିବା ଉଚିତ। ଏହା କିଡନୀରେ ଷ୍ଟୋନ ହେବାରୁ ରକ୍ଷା କରିଥାଏ।



## ଭାବପ୍ରବଣ ହେଲେ ଧନଶ୍ରୀ

ଧନଶ୍ରୀ ବର୍ମାଙ୍କର ଏକ ଭାବପ୍ରବଣ ଭିଡିଓ ସାମ୍ନାକୁ ଆସିଛି, ଯାହା ୨୦୨୬ ଗଣପତି ବିସର୍ଜନ ସମୟର ବୋଲି ଜଣାପଡ଼ିଛି । ସେ ଭଗବାନ ଗଣେଶଙ୍କୁ ଭାବୁକ ହୋଇ ବିଦାୟ ଦେବା ସହ ନମ୍ର ଆଖିରେ ବପ୍ପାଙ୍କୁ ପ୍ରାର୍ଥନା କରୁଥିବା ଦେଖିବାକୁ ମିଳିଛି। କୋରିଓଗ୍ରାଫର ତଥା ... ଶ୍ରୀ ବିସର୍ଜନ ସମାରୋହର କିଛି ଝଲକ ନିଜ ... ନ୍ତି। ଏଥିରେ ଉତ୍ସବର ଖୁସି ଓ ଭକ୍ତି ସ୍ପଷ୍ଟ ଭା... ଦାୟ ଦେବା ସମୟରେ ସେ ଭାବନାପ୍ରବଣ ... ସର୍ଜନ ପାଇଁ ନିଆଯାଉଥିବା ବେଳେ ଧନଶ୍ରୀ... ସେ କାନ୍ଦି କାନ୍ଦି ବପ୍ପାଙ୍କୁ ବିଦାୟ ଦେଇଥିଲେ। ... ଚତୁର୍ଥୀ ଉତ୍ସବର ସମାପନ ଦିବସ । ପ୍ରତ୍ୟେକ ଭକ୍ତଙ୍କ ପାଇଁ ଏହା ଏକ ଭାବପ୍ରବଣ ମୁହୂର୍ତ୍ତ ହୋଇଥାଏ। ଧନଶ୍ରୀ ବର୍ମାଙ୍କ ସହ ମଧ୍ୟ ଗଣପତି ବିସର୍ଜନ ସମୟରେ ଏପରି କିଛି ଘଟିଥିଲା । ସେ ଭଗବାନ ଗଣେଶଙ୍କୁ ବିଦାୟ ଦେବା ବେଳେ କାନ୍ଦୁଥିବା ସହ ତାଙ୍କ ଆଶୀର୍ବାଦ ମାଗୁଥିଲେ ଏବଂ ଆସନ୍ତା ବର୍ଷ ପୁଣି ବପ୍ପା ଫେରି ଆସିବ ବୋଲି କହୁଥିଲେ । ଯାହା ସମସ୍ତଙ୍କୁ ଖୁବ ଭାବପ୍ରବଣ କରିଦେଇଛି । ନିଜ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଧନଶ୍ରୀ ଫ୍ୟାନ୍ସଙ୍କୁ ନିଜ ଗଣେଶୋତ୍ସବ ଏବଂ ଗଣପତି ବିସର୍ଜନର ଝଲକ ଦେଖାଇଛନ୍ତି। ତାଙ୍କର ଭାବପ୍ରବଣ ବିଦାୟ ଅନେକ ଫଲୋଅର୍ସଙ୍କ ହୃଦୟ ଛୁଇଁଛି । ଫ୍ୟାନ୍ସମାନେ ମଧ୍ୟ ତାଙ୍କ ଉପରେ ଭଲପାଇବା ଓ ଆଶୀର୍ବାଦ ବର୍ଷା କରିଛନ୍ତି । ଉତ୍ସବ ଶେଷ ହୋଇଥିଲେ ମଧ୍ୟ ଧନଶ୍ରୀଙ୍କ ହୃଦୟରୁ ଦିଆଯାଇଥିବା ଏହି ବିଦାୟ ଗଣପତି ବିସର୍ଜନ ସହ ଜଡ଼ିତ ଭକ୍ତି ଓ ଭାବନାକୁ ପ୍ରକାଶ କରିଛି। ଧନଶ୍ରୀ ବର୍ମା ଦୀର୍ଘ ସମୟ ଧରି ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହିଛନ୍ତି । ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର ଚହଲ ଏବଂ କୋରିଓଗ୍ରାଫର ଧନଶ୍ରୀ ବର୍ମା ଡିସେମ୍ବର ୨୦୨୦ରେ ବିବାହ କରିଥିଲେ । ପରେ ୨୦ ମାର୍ଚ୍ଚ ୨୦୨୫ରେ ଉଭୟେ ପରସ୍ପର ସହମତିରେ ଆନୁଷ୍ଠାନିକ ଭାବେ ଛାଡ଼ପତ୍ର ନେଇଥିଲେ । ଧନଶ୍ରୀ ସୋସିଆଲ ମିଡିଆରେ ବେଶ୍ ସକ୍ରିୟ ଅଛନ୍ତି । ସେ ନିକଟରେ ଅଶ୍ନୀର ଗ୍ରୋଭରଙ୍କ ହୋଷ୍ଟିଂରେ ଆମାଜନ୍ ଏମ୍ଏକ୍ସ ପ୍ଲେୟରର ଶୋ' 'ରାଇଜ୍ ଆଣ୍ଡ ଫଲ୍'ରେ ନଜର ଆସିଥିଲେ । ଏବେ 'ରାଇଜ୍ ଆଣ୍ଡ ଫଲ୍'କୁ ବୀରେନ୍ଦ୍ର ସେହୱାଗ୍ ହୋଷ୍ଟ କରିବେ ।

## ଦୁନିଆକୁ ଅଲବିଦା କଲେ ଭେଟେରାନ୍ ଅଭିନେତ୍ରୀ ମିଠୁ



ବଙ୍ଗୀୟ ସିନେମା ଜଗତରୁ ଆସିଛି ଦୁଃଖଦ ଖବର। ଲୋକପ୍ରିୟ ଅଭିନେତ୍ରୀ ମିଠୁ ମୁଖାର୍ଜୀଙ୍କ ପରଲୋକ ହୋଇଛି। ୭୧ ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ପ୍ରାୟ ବର୍ଷେ ହେବ କ୍ୟାନସର ସହ ଲଢୁଥିବା ମିଠୁ ମୁଖାର୍ଜୀ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ରବିବାର ରାତିରେ ଆଖି ବୁଜିଛନ୍ତି। ତାଙ୍କ ମୃତ୍ୟୁ ଖବର ପୂରା ବଙ୍ଗୀୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ଶୋକର ଛାୟା ଖେଳି ଯାଇଛି। ୧୯୭୦ ଓ ୧୯୮୦ ଦଶକରେ ବଙ୍ଗୀୟ ସିନେମାରେ ନିଜ ଅଭିନୟ ଓ ସ୍କ୍ରିନ୍ ପ୍ରେଜେନ୍ସ ପାଇଁ ମିଠୁ ବେଶ୍ ପରିଚିତ ଥିଲେ। ମିଠୁ ମୁଖାର୍ଜୀଙ୍କ ଜନ୍ମ ୧୯୫୫ ମସିହାରେ କୋଲକାତାରେ । ମାତ୍ର ୧୭ ବର୍ଷ ବୟସରେ ସେ ଫିଲ୍ମ ଜଗତରେ ପାଦ ରଖିଥିଲେ। ୧୯୭୨ ମସିହାରେ ଚିତ୍ତ ବୋସଙ୍କ ନିର୍ଦ୍ଦେଶିତ 'ଶେଷ ପର୍ବ' ଫିଲ୍ମରୁ ଆରମ୍ଭ ହୋଇଥିଲା ତାଙ୍କ ଅଭିନୟ ଯାତ୍ରା। ଏହି ଫିଲ୍ମରେ ସେ ଅଭିନେତା ଶମିତ ଭଞ୍ଜଙ୍କ ସହ ନଜର ଆସିଥିଲେ।ତାଙ୍କ କ୍ୟାରିୟରରେ 'ମର୍ଜିନା ଅବଦୁଲ୍ଲା'କୁ ଏକ ଗୁରୁତ୍ୱପୂର୍ଣ୍ଣ ଫିଲ୍ମ ଭାବେ ଗଣାଯାଏ। ଦିନେଶ ଗୁପ୍ତାଙ୍କ ଏହି ଫିଲ୍ମରେ ସେ ଦେବରାଜ ରାୟଙ୍କ ବିପକ୍ଷରେ ଅଭିନୟ କରିଥିଲେ। ଏହା ପରେ ବଙ୍ଗୀୟ ସିନେମାରେ ତାଙ୍କ ଲୋକପ୍ରିୟତା ଆହୁରି ବଢ଼ିଥିଲା ଓ ତାଙ୍କ ସ୍ଥିତି ମଜଭୁତ ହୋଇଥିଲା। ମିଠୁ ମୁଖାର୍ଜୀ ନିଜ କ୍ୟାରିୟରରେ ବଙ୍ଗୀୟ ସିନେମାର ଅନେକ ବର୍ଷୀୟାନ କଳାକାରଙ୍କ ସହ କାମ କରିଥିଲେ। ସେମାନଙ୍କ ମଧ୍ୟରେଉତ୍ତମ କୁମାର, ସୌମିତ୍ର ଚଟ୍ଟୋପାଧ୍ୟାୟ ଏବଂ ରଞ୍ଜିତ ମଲ୍ଲିକଙ୍କ ଭଳି ନାଁ ସାମିଲ ରହିଛି। ମିଠୁ ମୁଖାର୍ଜି ତାଙ୍କ କ୍ୟାରିଅରରେ ଅନେକ ଫିଲ୍ମ କରିଛନ୍ତି। ସେ 'ନିଶିକନ୍ୟା', 'ମୌଚାକ', 'କାବି', 'ହୋଟେଲ ସ୍ନୋ ଫକ୍ସ', 'ପ୍ରତିମାସ ବନ୍ଧନ', 'ପ୍ରାର୍ଥନା' ଏବଂ 'ସ୍ୱୟଂସିଦ୍ଧ' ଭଳି ଅନେକ ବଙ୍ଗୀୟ ଫିଲ୍ମରେ ସେ ଅଭିନୟ କରିଥିଲେ। ନିଜ ଅଭିନୟ ଦକ୍ଷତା ଓ ପରଦାରେ ଦମଦାର ଉପସ୍ଥିତି ଯୋଗୁଁ ଅଳ୍ପ ସମୟ ମଧ୍ୟରେ ସେ ଦର୍ଶକଙ୍କ ମଧ୍ୟରେ ପରିଚିତ ହୋଇଥିଲେ। କେବଳ ବଙ୍ଗୀୟ ଫିଲ୍ମ ନୁହେଁ, ମିଠୁ ମୁଖାର୍ଜୀ ହିନ୍ଦୀ ସିନେମାରେ ମଧ୍ୟ କାମ କରିଥିଲେ। ୧୯୭୬ ମସିହାରେ ଦୁଲାଲ ଗୁହାଙ୍କ ଫିଲ୍ମ'ଖାନ ଦୋସ୍ତ'ଜରିଆରେ ସେ ହିନ୍ଦୀ ସିନେମାରେ ପାଦ ରଖିଥିଲେ। ଏହା ପରେ ବାସୁ ଚାଟାର୍ଜୀଙ୍କ ନିର୍ଦ୍ଦେଶିତ 'ସଫେଦ ଝୁଠ' ରେ ମଧ୍ୟ ସେ ଅଭିନୟ କରିଥିଲେ।

## କାହା ପାଇଁ କେଉଁ ଦିଗ ଶୁଭଙ୍କର

✱ ପଶ୍ଚିମ ବା ଦକ୍ଷିଣ ଦିଗ ହେଉଛି ସନ୍ତାନ ମାନଙ୍କ ରହିବା ସ୍ଥାନ। ଘରର ବଡ଼ପୁଅର ସ୍ଥାନ ଦକ୍ଷିଣ ଦିଗରେ ହୋଇଥିବାବେଳେ ସାନପୁଅର ସ୍ଥାନ ଉତ୍ତର-ପଶ୍ଚିମ ବାୟୁକୋଣରେ ହୋଇଥାଏ।

✱ ବିବାହିତ ସ୍ୱାମୀ ଓ ସ୍ତ୍ରୀଙ୍କ ଲାଗି ଉତ୍ତର ଦିଗ ଉଦ୍ଦିଷ୍ଟ। ସେହିପରି ଐଶାନ୍ୟ କୋଣ ଗୃହର ଅତିଥିମାନଙ୍କ ପାଇଁ ଶୁଭପ୍ରଦ। ଏହାଦ୍ୱାରା ଗୃହର ସନ୍ତୁଳନ ଠିକ୍ ରହିବ।



✱ କନ୍ୟା ମାନଙ୍କ ପାଇଁ ଉତ୍ତର-ପଶ୍ଚିମ ଦିଗ ଶୁଭ ହୋଇଥାଏ। ବିବାହ ବୟସ ହୋଇଥିବା କନ୍ୟାମାନେ ଉତ୍ତର-ପୂର୍ବ କୋଣରେ ଶୟନ କଲେ ଯଥାଶୀଘ୍ର ବିବାହ ହୋଇଥାଏ।

✱ ଛୋଟ ପିଲାଙ୍କ ଶୟନ ସ୍ଥାନ ଦକ୍ଷିଣରେ କିମ୍ବା ପଶ୍ଚିମରେ ଶୁଭ ହୋଇଥାଏ। ପାଠପଢ଼ିବା ବେଳେ ପୂର୍ବ ଓ ଦକ୍ଷିଣ ଦିଗକୁ ମୁହଁ କରି ପାଠ ପଢ଼ିବା ଉଚିତ। ପାଠପଢ଼ା କକ୍ଷରେ ଆଲୋକ ଓ ବାୟୁ ଚଳାଚଳର ଆବଶ୍ୟକତା ରହିଛି।

✱ ଘରେ ରୋଗଗ୍ରସ୍ତ ସଦସ୍ୟ ନୈବେଦ୍ୟ କୋଣରେ ରହିବା ଅନୁଚିତ। ଏହାଦ୍ୱାରା ଅଧିକ ଅସୁସ୍ଥ ହେବାର ଆଶଙ୍କା ଥାଏ।

ବାସ୍ତୁଶାସ୍ତ୍ରରେ ଗୃହର ସଦସ୍ୟମାନଙ୍କ ସ୍ଥାନ ନିର୍ଦ୍ଦିଷ୍ଟ କରାଯାଇଛି। କେଉଁ ଘରର କେଉଁ ଦିଗରେ କେଉଁ ବ୍ୟକ୍ତି ଅବସ୍ଥାନ କରିବା ବିଧେୟ ତାହା ନିର୍ଣ୍ଣୟ କରାଯାଇଛି। ବାସ୍ତୁ ଅନୁସାରେ ଦକ୍ଷିଣ-ପଶ୍ଚିମ ଦିଗରେ ଗୃହକର୍ତ୍ତା-କର୍ତ୍ତ୍ରୀଙ୍କ ଶୟନକକ୍ଷ ରହିବା ଉଚିତ। ଏହା ଶୁଭ ଫଳ ଦେଇଥାଏ।

✱ ଘରେ କାମ କରୁଥିବା ବ୍ୟକ୍ତିବିଶେଷଙ୍କୁ ଅଗ୍ନିକୋଣର ପୂର୍ବ ଭାଗରେ ସ୍ଥାନ ଦେଲେ ସେମାନେ ସୁଖ ଲାଭ କରିଥାନ୍ତି।

✱ ଗୃହ ପାଳିତ ପଶୁ କୁକୁରଙ୍କୁ ଘରର ଦ୍ୱାର ମୁହଁରେ ରଖିବା ଉଚିତ। ନ ହେଲେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ମିଳି ନଥାଏ। ବିଲେଇ ଘର ପାଇଁ ଅଶୁଭ ହୋଇଥାନ୍ତି।

✱ ଘରର ପୂର୍ବ ଭାଗରେ ଶୁଆକୁ ରଖିପାରିବା ଓ ତାକୁ ପଞ୍ଜୁରି ଭିତରେ ନରଖି ଖୋଲା ରଖିବା ଦରକାର।

✱ ଶୋଇବା କକ୍ଷରେ ଗୃହକର୍ତ୍ତା ମୁଣ୍ଡ ପୂର୍ବ ଓ ଦକ୍ଷିଣକୁ କରି ଶୋଇବା ଉଚିତ। ଏହି ଘରେ ନଅଟି ମୟୂରପଙ୍ଖ ଦକ୍ଷିଣ-ପଶ୍ଚିମ ନୈବେଦ୍ୟ କୋଣରେ ରଖିଲେ ସେମାନେ ଦୀର୍ଘାୟୁ ରହିଥାନ୍ତି। ଐଶାନ୍ୟ କୋଣରେ ମୟୂରପଙ୍ଖ



ରଖିଲେ ଗୃହକୁ କୌଣସି ଭୌତିକ ଶକ୍ତି ପ୍ରବେଶ କରିନଥାଏ।

✱ ଘରର ଝାଡୁକୁ ଲୁଚେଇକି ରଖିବା ଦରକାର ଓ ଏଥିରେ ପାଦ ପୋଛିବା ଅନୁଚିତ। ଆର୍ଥିକ ଅନଟନ ଦେଖାଦେଉଥିଲେ ଘରର ନୈବେଦ୍ୟ କୋଣରେ ସାତଟି ଲବଙ୍ଗ, ସାତଟି ଗୁଜୁରାତି, ଦୁଇଟି ଡାଳଚିନି ଓ ଶ୍ରୀକର୍ପୁର ରଖିବା ଦ୍ୱାରା ଆର୍ଥିକ ଅବସ୍ଥା ସୁଧୁରିଥାଏ ବୋଲି ବିଶ୍ୱାସ ରହିଛି।

✱ ଗୃହର ପ୍ରବେଶ ଦ୍ୱାରରେ ବାଉଁଶର ବଇଁଶୀ ଓ ମୟୂରଚନ୍ଦ୍ରିକା ରଖିଲେ ଶୁଭଶକ୍ତି ଆସିଥାଏ। ଗୃହର ଦ୍ୱାରଦେଶରେ ଓଁ ଅଙ୍କନ କଲେ ଗୃହକୁ ନକାରାତ୍ମକ ଶକ୍ତି ପ୍ରବେଶ କରି ନଥାଏ।

ଉତ୍କଳ ସମାଚାର

## ସମ୍ପାଦକୀୟ...

**ବୁଧବାର ୨୩ ସେପ୍ଟେମ୍ବର ୨୦୨୬**

# ଯୁବଶକ୍ତି ଉପରେ ଭରସା

ଭାରତର ଯୁବସମାଜ ପାଇଁ ରୋଜଗାର କେବଳ ଏକ ଚାକିରି ନୁହେଁ, ଏହା ଆତ୍ମସମ୍ମାନ, ଆର୍ଥିକ ସ୍ୱାଧୀନତା, ପରିବାରର ସୁରକ୍ଷା ଏବଂ ନିଜ ଭବିଷ୍ୟତ ଗଢ଼ିବାର ଏକ ଦୃଢ଼ ଆଧାର। ସେହି ଦୃଷ୍ଟିରୁ ୨୦ତମ ପର୍ଯ୍ୟାୟର ରୋଜଗାର ମେଳା ଏକ ସମୟୋପଯୋଗୀ ଘଟଣା। କେନ୍ଦ୍ର ସରକାରଙ୍କ ସୂଚନା ଅନୁସାରେ ୨୦୨୬ ସେପ୍ଟେମ୍ବର ୧୯ରେ ବେଙ୍ଗାଲୁରୁର ନ୍ୟାସନାଲ ଏକାଡେମୀ ଅଫ କଷ୍ଟମ୍ସ, ଇନଡାଇରେକ୍ଟ ଟ୍ୟାକ୍ସେସ୍ ଆଣ୍ଡ ନାର୍କଟିକ୍ସର ଜୋନାଲ କ୍ୟାମ୍ପସରେ ଏହି ଜାତୀୟ ରୋଜଗାର ମେଳା ଆୟୋଜିତ ହେବ। ଏଥିରେ ନୂତନ ଭାବେ ନିଯୁକ୍ତ ଯୁବକଯୁବତୀ, ବିଭିନ୍ନ ବିଭାଗର ଅଧିକାରୀ ଏବଂ ସଂପୃକ୍ତ ପ୍ରତିନିଧିମାନେ ଯୋଗଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ସମ୍ବୋଧନ କରିବେ।ରୋଜଗାର ମେଳାର ମୂଳ ଗୁରୁତ୍ୱ ଏହାର ଦୃଶ୍ୟମାନ ପରିଣାମରେ ରହିଛି। ନିଯୁକ୍ତିପତ୍ର ହାତରେ ପାଇବା ଜଣେ ଯୁବକ ବା ଯୁବତୀଙ୍କ ପାଇଁ ଜୀବନର ଏକ ନୂଆ ଆରମ୍ଭ। ୨୦୨୬ ମେ ୨୩ରେ ହୋଇଥିବା ୧୯ତମ ରୋଜଗାର ମେଳାରେ ୪୭ଟି ସ୍ଥାନରେ ଏକାସାଙ୍ଗରେ ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ଦିଆଯାଇଥିଲା। ରେଳବାଇ, ଗୃହ, ସ୍ୱାସ୍ଥ୍ୟ, ଆର୍ଥିକ ସେବା, ଉଚ୍ଚଶିକ୍ଷା ଓ ଅନ୍ୟାନ୍ୟ ବିଭାଗରେ ଯୁବପିଢ଼ି ସୁଯୋଗ ପାଇଥିଲେ।ଏହା ପୂର୍ବରୁ ଆୟୋଜିତ ୧୮ଟି ରୋଜଗାର ମେଳା ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ନିଯୁକ୍ତିପତ୍ର ଜାରି ହୋଇଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଏହି ତଥ୍ୟ ରୋଜଗାର ମେଳାକୁ କେବଳ ଏକ ଦିନର କାର୍ଯ୍ୟକ୍ରମ ଭାବେ ନୁହେଁ, ବରଂ ନିଯୁକ୍ତି ପ୍ରକ୍ରିୟାକୁ ଏକ ସାଧାରଣ ମଟଂରେ ଦୃଶ୍ୟମାନ କରିବାର ଏକ ପ୍ରୟାସ ଭାବେ ଦେଖିବାର ସୁଯୋଗ ଦିଏ। ତେବେ ଏଠାରେ ଏକ ମୌଳିକ କଥା ବୁଝିବା ଆବଶ୍ୟକ। ସରକାରୀ ନିଯୁକ୍ତି ଅର୍ଥନୀତିର ସମଗ୍ର ରୋଜଗାର ସମସ୍ୟାର ଏକମାତ୍ର ସମାଧାନ ନୁହେଁ। ଭାରତର ବିଶାଳ ଯୁବସମାଜ ପାଇଁ ସରକାରୀ ଚାକିରି ସହିତ ବେସରକାରୀ ଶିଳ୍ପ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ୍, କୃଷିଭିତ୍ତିକ ଉଦ୍ୟମ, ଡିଜିଟାଲ ସେବା, ନିର୍ମାଣ, ପର୍ଯ୍ୟଟନ ଓ ନୂତନ ପ୍ରଯୁକ୍ତିକ୍ଷେତ୍ରରେ ଅଧିକ ସୁଯୋଗ ଆବଶ୍ୟକ। ତେଣୁ ରୋଜଗାର ମେଳାର ସଫଳତାକୁ ଦେଶର ସମଗ୍ର ରୋଜଗାର ପରିସ୍ଥିତି ସହିତ ଯୋଡ଼ି ଦେଖିବା ଅଧିକ ଯୁକ୍ତିସଙ୍ଗତ।ରୋଜଗାର ମେଳାର ଆଉ ଏକ ଦିଗ ହେଉଛି ନିଯୁକ୍ତି ପ୍ରକ୍ରିୟାର ସମୟୋପଯୋଗୀତା ଓ ପାରଦର୍ଶିତା। ଯୁବମାନେ ବର୍ଷ ବର୍ଷ ଧରି ପରୀକ୍ଷା, ପ୍ରତିଯୋଗିତା ଓ ଚୟନ ପ୍ରକ୍ରିୟାରେ ଅପେକ୍ଷା କରିବାକୁ ବାଧ୍ୟ ହେଲେ ତାହାର ପ୍ରଭାବ ପରିବାର ଓ ଯୁବମନ ଉପରେ ପଡ଼େ। ତେଣୁ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ, ନ୍ୟାୟସଙ୍ଗତ, ମେଧାଭିତ୍ତିକ ଓ ସମୟବଦ୍ଧ କରିବା ଯେକୌଣସି ସରକାରଙ୍କ ପାଇଁ ମୁଖ୍ୟ ଦାୟିତ୍ୱ। ରୋଜଗାର ମେଳାର ଆୟୋଜନ ଏହି ଆବଶ୍ୟକତା ଉପରେ ଜୋର ଦେବାର ଏକ ଅବସର ମଧ୍ୟ ସୃଷ୍ଟି କରୁଛି।କିନ୍ତୁ ନିଯୁକ୍ତିପତ୍ର ବ[ନରେ କାର୍ଯ୍ୟ ସମାପ୍ତ ହୁଏ ନାହିଁ। ନୂତନ କର୍ମଚାରୀଙ୍କୁ ଉଚିତ ପ୍ରଶିକ୍ଷଣ, କାର୍ଯ୍ୟକୁଶଳତା ବିକାଶ, ପ୍ରଯୁକ୍ତିଜ୍ଞାନ ଏବଂ ଜନସେବାର ମନୋଭାବ ଦେବା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ରୋଜଗାର ମେଳାରେ ନିଯୁକ୍ତ ହେଉଥିବା ଯୁବମାନେ ରେଳ, ଡାକ, ସ୍ୱାସ୍ଥ୍ୟ, ଅର୍ଥ, ଶିକ୍ଷା, ସୁରକ୍ଷା ଓ ପ୍ରଶାସନ ଭଳି କ୍ଷେତ୍ରରେ କାମ କରିବେ। ସେମାନଙ୍କର ଦକ୍ଷତା ସିଧାସଳଖ ଭାବେ ସାଧାରଣ ଲୋକଙ୍କ ସେବାର ଗୁଣତ୍ୱ ସହିତ ଜଡ଼ିତ। ଏହି କାରଣରୁ ନୂତନ ନିଯୁକ୍ତିକୁ କେବଳ ଚାକିରି ପାଇବାର ସୁଯୋଗ ଭାବେ ନୁହେଁ, ଦେଶସେବାର ଦାୟିତ୍ୱ ଭାବେ ମଧ୍ୟ ଦେଖିବା ଦରକାର। ଜଣେ ରେଳ କର୍ମଚାରୀଙ୍କ ସତର୍କତା, ଜଣେ ଡାକ କର୍ମଚାରୀଙ୍କ ସେବା, ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ଦାୟିତ୍ୱବୋଧ, ଜଣେ ଆର୍ଥିକ କର୍ମଚାରୀଙ୍କ ସତ୍ୟନିଷ୍ଠା କିମ୍ବା ଜଣେ ଶିକ୍ଷା ବିଭାଗର କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା—ପ୍ରତ୍ୟେକଟି ମିଶି ନାଗରିକଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରେ।ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର ରୋଜଗାର ମେଳାକୁ ଯୁବଶକ୍ତି ଓ ରାଷ୍ଟ୍ର ନିର୍ମାଣ ସହିତ ଯୋଡ଼ି ଉପସ୍ଥାପନ କରୁଛି। ୧୯ତମ ମେଳାରେ ପ୍ରଧାନମନ୍ତ୍ରୀ ଯୁବମାନଙ୍କ ଭୂମିକାକୁ ବିକଶିତ ଭାରତ ଗଠନ ସହିତ ସମ୍ପର୍କିତ କରିଥିଲେ। ଏହି ଦୃଷ୍ଟିକୋଣର ମୂଲ୍ୟ ତାହାବେଳେ ଅଧିକ ବଢ଼ିବ, ଯେତେବେଳେ ନିଯୁକ୍ତି ସହିତ ଉତ୍ପାଦକତା, ଦକ୍ଷତା, ନବସୃଜନ ଓ ସାଧାରଣ ଲୋକଙ୍କ ପ୍ରତି ଜବାବଦେହିତା ମଧ୍ୟ ନିଶ୍ଚିତ ହେବ।ଭାରତର ଯୁବପିଢ଼ି ଆଜି କେବଳ ଚାକିରି ଖୋଜୁନାହିଁ; ସେମାନେ ନିଜ ଦକ୍ଷତାର ମୂଲ୍ୟାୟନ, ସମ୍ମାନଜନକ କାର୍ଯ୍ୟପରିବେଶ ଏବଂ ଭବିଷ୍ୟତର ବିକାଶରେ ଅଂଶୀଦାରିତ୍ୱ ଚାହୁଁଛନ୍ତି। ସେହି ଆକାଂକ୍ଷାକୁ ବୁଝିବା ଏବଂ ସୁଯୋଗରେ ପରିଣତ କରିବା ହେଉଛି ନୀତିନିର୍ମାତାଙ୍କର ପରବର୍ତ୍ତୀ ବଡ଼ ଦାୟିତ୍ୱ।୨୦ତମ ରୋଜଗାର ମେଳା ତେଣୁ ଏକ ଉତ୍ସବ ମାତ୍ର ନୁହେଁ; ଏହା ରୋଜଗାର, ପ୍ରଶାସନ ଓ ଯୁବ ଆକାଂକ୍ଷାକୁ ନେଇ ଆମକୁ ଆଉଥରେ ଚିନ୍ତା କରିବାର ସୁଯୋଗ। ନିଯୁକ୍ତିପତ୍ର ହାତରେ ନେଉଥିବା ପ୍ରତ୍ୟେକ ଯୁବକଯୁବତୀଙ୍କ ସଫଳତାର ଅର୍ଥ ହେଉଛି ଗୋଟିଏ ପରିବାରରେ ନୂଆ ଆଶା। ସେହି ଆଶାକୁ ଦୀର୍ଘସ୍ଥାୟୀ ରୋଜଗାର, ଦକ୍ଷତା ବିକାଶ ଓ  ବ୍ୟାପକ ଆର୍ଥିକ ସୁଯୋଗରେ ପରିଣତ କରିପାରିଲେ ହିଁ ରୋଜଗାର ମେଳାର ପ୍ରକୃତ ସାର୍ଥକତା ପ୍ରମାଣିତ ହେବ। ଯୁବଶକ୍ତିକୁ ସୁଯୋଗ ଦେବା ସହିତ ସେହି ସୁଯୋଗକୁ ଦେଶର ଉନ୍ନତିରେ ପରିଣତ କରିବା—ଏହି ଦୁଇଟି ଦାୟିତ୍ୱ ଏକାସାଙ୍ଗରେ ଚାଲିଲେ ଭାରତର ରୋଜଗାର ଯାତ୍ରା ଅଧିକ ଅର୍ଥପୂର୍ଣ୍ଣ ହେବ।ଭାରତର ବିକାଶର କାହାଣୀ ଯଦି ଏକ ବିଶାଳ ଯାତ୍ରା, ତେବେ ଏହି ଯାତ୍ରାର ସବୁଠାରୁ ବଡ଼ ଶକ୍ତି ହେଉଛି ଦେଶର ଯୁବସମାଜ। ଯୁବକଙ୍କ ହାତରେ ଯେତେବେଳେ ନିଯୁକ୍ତିପତ୍ର ପହଞ୍ଚେ, ସେତେବେଳେ କେବଳ ଜଣେ ବ୍ୟକ୍ତି ଚାକିରି ପାଉନାହାନ୍ତି; ଗୋଟିଏ ପରିବାରର ଆଶା ଦୃଢ଼ ହୁଏ, ଆତ୍ମନିର୍ଭରତାର ଦ୍ୱାର ଖୋଲେ ଏବଂ ଜଣେ ଯୁବକ ବା ଯୁବତୀ ନିଜ ପରିଶ୍ରମକୁ ସାମାଜିକ ଦାୟିତ୍ୱରେ ପରିଣତ କରିବାର ସୁଯୋଗ ପାଆନ୍ତି। ଏହି ଦୃଷ୍ଟିରୁ ୨୦ତମ ପର୍ଯ୍ୟାୟର ଜାତୀୟ ରୋଜଗାର ମେଳା କେବଳ ଆଉ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ; ଏହା ନିଯୁକ୍ତି, ଯୁବଶକ୍ତି, ପ୍ରଶାସନ ଓ ବିକଶିତ ଭାରତର ଲକ୍ଷ୍ୟକୁ ଏକାସାଙ୍ଗରେ ଦେଖିବାର ଏକ ଅବସର।କେନ୍ଦ୍ର ସରକାରଙ୍କ ସୂଚନା ଅନୁସାରେ ୨୦ତମ ଜାତୀୟ ରୋଜଗାର ମେଳା ୨୦୨୬ ସେପ୍ଟେମ୍ବର ୧୯ରେ ବେଙ୍ଗାଲୁରୁର ନ୍ୟାସନାଲ ଏକାଡେମୀ ଅଫ କଷ୍ଟମ୍ସ, ଇନଡାଇରେକ୍ଟ ଟ୍ୟାକ୍ସେସ୍ ଆଣ୍ଡ ନାର୍କଟିକ୍ସର ଜୋନାଲ କ୍ୟାମ୍ପସରେ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ନବନିଯୁକ୍ତ ଯୁବମାନେ, ବରିଷ୍ଠ ଅଧିକାରୀ ଓ ବିଭିନ୍ନ ବିଭାଗର ପ୍ରତିନିଧିମାନେ ଏକତ୍ରିତ ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ ମାଧ୍ୟମରେ ନୂତନ ନିଯୁକ୍ତମାନଙ୍କୁ ସମ୍ବୋଧନ କରିବେ।ରୋଜଗାର ମେଳାର ସବୁଠାରୁ ବଡ଼ ଦିଗ ହେଉଛି ଏହାର ନିରନ୍ତରତା। ୨୦୨୨ ଅକ୍ଟୋବର ୨୨ରେ ମିଶନ ନିଯୁକ୍ତିର ଅଂଶ ଭାବେ ଏହି ପଦକ୍ଷେପ ଆରମ୍ଭ ହୋଇଥିଲା। ୨୦୨୬ ଜୁଲାଇରେ ସଂସଦୀୟ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସରକାର କହିଥିଲେ ଯେ ୧୯ଟି ରୋଜଗାର ମେଳା ମାଧ୍ୟମରେ ୧୨ ଲକ୍ଷରୁ ଅଧିକ ନିଯୁକ୍ତିପତ୍ର ବଟଂନ ହୋଇଛି।

# ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଉନ୍ନତିର ଗତି ଓ ପ୍ରଗତି

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ସଙ୍ଗଠନର ସମୃଦ୍ଧି ଓ ପ୍ରଚାର ପ୍ରସାର କଥାଟି ର ସ୍ୱର ଅତ୍ୟନ୍ତ ମଧୁର ଶୁଭୁଥାଏ । ବନ୍ଦେ ଉତ୍କଳ ଜନନୀର ବାସ୍ତବତାକୁ ଆମ୍ଭେମାନେ ଅନୁଭବ କରିଥାଉ । ଏହାର ସ୍ଥିତିକୁ ବଜାୟ ରଖିବା ଲାଗି କେତେ ମହାମନିଷି ଓ ଏହାର ସୃଷ୍ଟିକର୍ତାଙ୍କର ଦାୟଦମାନଙ୍କର ନିରବିଛିନ୍ନ ସଂଘର୍ଷ ଉଦ୍ୟମ ଫଳରେ ଆଜି ଏହାର ସ୍ଥିତି ସୁଦୃଢ଼ ହୋଇ ପାରିଛି । ମା, ମାଟିର, ମାତୃଭୂମିର ସମ୍ମାନ ବୃଦ୍ଧି ହୋଇ ପାରିଛି । ମା ଓ ମାଟିର ସମ୍ମାନ ଓ ସୁରକ୍ଷା କଥା ଆମ୍ଭେମାନେ ଚିନ୍ତା କରି ପାରୁଛେ । ଏହା ସତ୍ୟ ଯେ ଜଗତର ନାଥ ଜଗନ୍ନାଥଙ୍କୁ ଛାଡ଼ି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବାସ୍ତବ ଚିତ୍ର ଆଙ୍କିବା ଅସମ୍ଭବ । ପବିତ୍ର ପତିତପାବନ ବାନା ସମଗ୍ର ବିଶ୍ୱକୁ ମାନବ ବୋଧତାର ଚିରନ୍ତନ ଭାଷା ଶୁଣାଇ ଆସୁଛି । ଭାଷା ଯେକୌଣସି ଜାତିର ସାହିତ୍ୟ ଓ ସଂସ୍କୃତିର ରକ୍ଷକ । ଭାଷାର ଉନ୍ନତି ବିନା ଆମ ଜାତିର ଦେଶର ଉନ୍ନତି କଥା ଚିନ୍ତା କରିବା ଅସମ୍ଭବ । ଆଜିର ସଙ୍କଟମୟ ସମୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଦିଗରେ ସାହିତ୍ୟମାନଙ୍କର ଗୁରୁ ଦାୟିତ୍ୱ ରହିଛି । ଜଗନ୍ନାଥଙ୍କୁ ଛାଡ଼ି ଓଡ଼ିଆ ଭାଷା ସାହିତ୍ୟ ଓ ଓଡ଼ିଆ ଅସ୍ମିତାର କଥା ଚିନ୍ତା କରାଯାଇପାରେନା । ଗ୍ରାମାଚଂଳ ଓ ସହରାଚଂଳ ମଧ୍ୟରେ ସାଧାରଣ ଜନତା ଓ ସାହିତ୍ୟିକ ମାନଙ୍କ ମଧ୍ୟରେ ସାରସ୍ୱତ ସମ୍ପର୍କର ସେତୁ ସ୍ଥାପନ ନହୋଇ ପାରିଲେ ଓଡ଼ିଆ ଅସ୍ମିତାର ସ୍ଥିତି ବଜାୟ ରହିପାରିବତ । କାହିଁ କେଉଁ କାଳରୁ ଆମ ଓଡ଼ିଆ ଭାଷାକୁ ଧ୍ୱଂସ କରିବାକୁ ମୋଗଲ ଶକ୍ତିଠାରୁ ଆରମ୍ଭ କରି ପାଶ୍ଚାତ୍ୟ ଶକ୍ତି ପର୍ଯ୍ୟନ୍ତ ଆକ୍ରାମକ ହୋଇ ମଧ୍ୟ ଆମ ଓଡ଼ିଆ ଭାଷାର ବିଲୋପ ଘଟାଇ ପାରିନାହାନ୍ତି କି ଏହାକୁ ଖଣ୍ଡିତ କରି ପାରିନାହାନ୍ତି । ହଁ ଏହା ସତ୍ୟଯେ ଆମ୍ଭ ସମସ୍ତଙ୍କୁ ଚିନ୍ତା କରିବାକୁ ପଡ଼ିବ ଯେ ଆଧୁନିକ ତାର ନଗ୍ନ ପ୍ରଭାବ ଓ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ବିସ୍ତାର କରିବାକୁ ବସିଲାଣି । ସତରେ କ'ଣ ଭାଷାର ସୁରକ୍ଷା ଲାଗି ସଂଗ୍ରାମ କରି ଆସିଥିବା ପୂର୍ବସୂରୀମାନଙ୍କର ଆଦର୍ଶ ଓ ଆଶିର୍ବାଦ ପୁଣି ଓଡ଼ିଆ ଅସ୍ମିତାର ସୁରକ୍ଷା ଲାଗି ଭାଷା ଆନ୍ଦୋଳନ କଡ଼ ଲେଉଟାଇବ ଆଜି ଯେତେବେଳେ ଓଡ଼ିଆ ଭାଷାର ଅନ୍ତଃସ୍ୱରକୁ ଆମ୍ଭେମାନେ ଅଣଦେଖା କରିଆସୁଛେ । ଓଡ଼ିଆ ଅସ୍ମିତାର ସ୍ଥିତି ଓ ପ୍ରଗତୀ ପ୍ରତି ଆମ୍ଭମାନଙ୍କର ଚିନ୍ତା ଓ ଚେତନା ଲୋପ ପାଇଯାଉଛି । ସେପରି ସ୍ଥିତିରେ ଓଡ଼ିଆ ଭାଷା, ଓଡ଼ିଆ ଅସ୍ମିତାର ସ୍ଥିତି ବଜାୟ ରହିପାରିବତ ? ସରକାର ଓଡ଼ିଆ ଅସ୍ମିତାର କଥା କହି ଆଜି କ୍ଷମତାରେ । ସରକାର କ୍ଷମତାକୁ ଆସିବା ପରେ ସତରେ କଣ ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ସ୍ଥିତି ମଜଭୂତ ହୋଇ ପାରିଛି ? ଏହାର ଉତ୍ତର କେବଳ ଓଡ଼ିଶାବାସୀଙ୍କ ନିକଟରେ । ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ସଂଗଠନ ଓଡ଼ିଆ ଅସ୍ମିତାର ଅଂଶ ବିଶେଷ । ଆଜି କଳା, ସାହିତ୍ୟ, ସଂସ୍କୃତି ଓ ସଂଗଠନ ଗୁଡ଼ିକର ଉନ୍ନତି ଘଟି ପାରିଛି କି ? ଥରେ ସରକାର ହୁଅନ୍ତୁ, କି ସାରସ୍ୱତ ସ୍ରଷ୍ଟା ଅହଂକାର ବଶବର୍ତ୍ତୀ ହୋଇଗଲେ ଆଉ ପଛକୁ ଫେରିପାରେ ନାହିଁ । ସତରେ କଣ କାଳିଆ ଲେଉଟିବ, ମା, ମାଟି, ମାତୃଭୂମିର ସୁରକ୍ଷା ହୋଇପାରିବ ? ଆଜି ଓଡ଼ିଆ ଅସ୍ମିତା ସରକାରୀ କଳ ଆଉ ତୋଷାମଦିଆ ସାହିତ୍ୟିକମାନଙ୍କ କବଳରେ କବଳିତ ସତରେ ଏପରିସ୍ଥିତିରେ କଣ ଓଡ଼ିଆ ଅସ୍ମିତା ସେମାନଙ୍କ କବଳରୁ ମୁକୁଳି ପାରିବତ ? ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ଥିବା ଓଡ଼ିଶା ସାହିତ୍ୟ ଏକାଡ଼େମୀ ଗୁଣ ଖଜୁରୀ ଗଛର ପାହାଚ ସଦୃଶ । କେନ୍ଦ୍ର ସାହିତ୍ୟ ଏକାଡେମୀ ସାହିତ୍ୟିକ ମାନଙ୍କ ମଧ୍ୟରେ ବାଛବିଚାର ଭାବ କୁ ନେଇ ଓଡ଼ିଶାର ବହୁ ସାହିତ୍ୟିକମାନଙ୍କ ମଧ୍ୟରେ ଅସୋନ୍ତଷ ପ୍ରକାଶ ପାଉଛି । ଓଡ଼ିଆ ଭାଷାର ସାହିତ୍ୟିକମାନଙ୍କ ଅସନ୍ତୋଷର ଭାବକୁ ଠିକ୍ ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ କର୍ତ୍ତୃପକ୍ଷ ଅନୁଭୂବ କରି ପାରୁନାହାଁନ୍ତି । ଏହା କେମିତି ବା ସମ୍ଭବ ହୋଇପାରିବ ଓଡ଼ିଶାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ଥିବା କର୍ମକର୍ତ୍ତା ମାନେ ତ ନିଜ ଅନୁଗତ ମାନଙ୍କ ମାୟାର ବନ୍ଧନରେ ବାନ୍ଧି ହୋଇଯାଇଛନ୍ତି । କେବଳ ନିଜର ପଦପଦବୀର ସୁରକ୍ଷା ହିଁ ସେମାନଙ୍କର ବଡ଼ଚିନ୍ତା । ସେମାନଙ୍କ କାର୍ଯ୍ୟକାଳ କିପରି ଭଲରେ ଭଲରେ କଟିଯାଉ । ଗୋଟିଏ କଥା ମନେ ପଡ଼େ ଏକଦା ଓଡ଼ିଶାର ଏକ ପ୍ରତିଷ୍ଠିତ ବଡ଼ ଅନୁଷ୍ଠାନର ସାହିତ୍ୟ ସଭାରେ କେନ୍ଦ୍ରସାହିତ୍ୟ ଏକାଡେମୀର ସଭାପତି ଯୋଗଦେଇଥାନ୍ତି ସେହି ସଭାରେ ଏକାଡ଼େମୀର ସଭାପତି ଓଡ଼ିଶା କର୍ମକର୍ତ୍ତାମାନଙ୍କ ସମ୍ପର୍କରେ କେତେକ ପ୍ରଶ୍ନର ସମ୍ମୁଖିନ ହୋଇଥିଲେ । ପ୍ରଶ୍ନକର୍ତ୍ତା ସାହିତ୍ୟିକମାନେ ନିବେଦନ କରିବାର କିଛି ଦିନ ପରେ ଦେଖା ଗଲା ଦାୟିତ୍ୱରେ ଥିବା ଓଡ଼ିଶାର ସେହି ମହାନ ହସ୍ତି । ଏହି ସମ୍ମାନଜନକ ଦାୟିତ୍ୱରୁ ଅବ୍ୟାହିତ ନେଇ ଯାଇଛନ୍ତି । ଆଉ ସେହି ସଭାରେ ଏକାଡେମୀ ସଭାପତିଙ୍କ ସହ ସୌଜନ୍ୟ ଭାବ ବିନିମୟ କରିଥିବା ଓଡ଼ିଶାର କେତେଜଣ ଜଣାଶୁଣା ଲେଖକ ଏକ ପ୍ରତିଷ୍ଠିତ ସମ୍ବାଦ ପତ୍ରର ଗୁରୁଦାୟିତ୍ୱ ବହନ କରୁଥିବା ସାହିତ୍ୟିକ ଜଣକ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଦାଇତ୍ୱ ନିର୍ବାହ କରୁଛନ୍ତି । କିଛି ଦିନ ସବୁ ଠିକ୍ ଠାକ୍ ଚାଲିଥିଲା । ସାହିତ୍ୟିକମାନଙ୍କ ମଧ୍ୟରେ ସାରସ୍ୱତ ସମ୍ପର୍କର ସେତୁ ତିଆରୀ ହୋଇ ପାରିଥିଲା ସେ ମଧ୍ୟ ଅନେକ ସୁନାମ ସାଉଁଟିଥିଲେ । ସାଧାରଣ ସାହିତ୍ୟିକଟି ତାଙ୍କ ଉପରେ ବେଶ୍ ବିଶାସ ଓ ଭରଷା ରଖିଥିଲା । କିନ୍ତୁ ପରବର୍ତ୍ତୀ କ୍ଷେତ୍ରରେ କ'ଣ ହେଲା କେଜାଣି ଦୃଶ୍ୟପଟ୍ଟ ସମ୍ପୂର୍ଣ୍ଣ ବଦଳିଗଲା । ଓଡ଼ିଶାର କର୍ମକର୍ତ୍ତା ମାନଙ୍କ ଉପରେ ନାନା ପ୍ରଶ୍ନବାଚୀର ମୋହର ଲାଗିଗଲା । ଏ କ୍ଷେତ୍ରରେ ଅଖ୍ୟାତ ସାହିତ୍ୟିକଟି ଆକାଶର ତାର ଗଣିବା ଛଡ଼ା ବା ତାର ଆଉ କଣ ଉପାୟ ଅଛି । ଓଡ଼ିଶା ସାହିତ୍ୟ ଏକାଡ଼େମୀ କଥା କଣ ଆଲୋଚନା କରାଯାଇ ପାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପରି ସମାନ ଅବସ୍ଥା । ଯେଉଁମାନେ ଅତୀତରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସହ ଯୋଡ଼ି ହୋଇ ରହିଥିଲେ । ଏକାଡ଼େମୀ ସହ ସୁନ୍ଦର ସମ୍ପର୍କ ରହି ଆସୁଥିଲା । ସେହି ସାହିତ୍ୟିକ ମାନଙ୍କ ମଧ୍ୟରୁ କେତେକ ଏକାଡେମୀ ପାଖରେ ଆଜି ଅଦରକାରୀ ଲେଖକ ଭାବେ ପରିଗଣିତ ହୋଇ ପଡ଼ିଛନ୍ତି । ଆଉ ଏକାଡ଼େମୀ ଦୃଷ୍ଟିରେ ପୁରୁଣା ସାହିତ୍ୟ ସଂଗଠନ ଗୁଡ଼ିକର ସ୍ଥିତି ନକହିବା ଭଲ । ଏକଦା ଓଡ଼ିଶାରେ ସାହିତ୍ୟ ଆନ୍ଦଳନର ଜୟ ଯାତ୍ରାକୁ ସାଫଲ୍ୟ କରି ଅଖ୍ୟାତ ପଲ୍ଲୀର ସାହିତ୍ୟିକ ଓ ସହରୀ ସାହିତ୍ୟିକ ଓ ସାମ୍ପ୍ରତିକ ସମୟରେ ବଡ଼ବଡ଼ ସାହିତ୍ୟିକ ବୋଲାଉଥିବା ସାହିତ୍ୟିକ ମାନଙ୍କ ମଧ୍ୟରେ ସୁସମ୍ପର୍କର ସାରସ୍ୱତ ସେତୁ ତିଆରି କରି ଆସୁଥିବା ସେହି ସାହିତ୍ୟ ଅନୁଷ୍ଠାନ ଗୁଡ଼ିକୁ ସାଂପ୍ରତିକ ସ୍ଥିତିରେ ନିଜର ପରିଚୟ ଏକାଡ଼େମୀର କର୍ତ୍ତୃପକ୍ଷକଙ୍କ ନିକଟରେ ଦେବାକୁ ପଡୁଛି । ଯେଉଁ ସ୍ୱାଭିମାନୀ ସାହିତ୍ୟ ସଂଗଠନ ଗୁଡ଼ିକ ନିଜର ପରିଚୟ ଦେବାକୁ କୁଣ୍ଠାବୋଧ କରି ବାହାରେ ରହି ଓଡ଼ିଶା ସାହିତ୍ୟ ଏକାଡ଼େମୀର କାର୍ଯ୍ୟକଳାପ ପ୍ରତି ତିକ୍ଷ୍ଣ ଦୃଷ୍ଟି ନିକ୍ଷେପ କରି ଆସୁଛନ୍ତି । ସେହି ଅନୁଷ୍ଠାନ ଗୁଡ଼ିକୁ ଏକାଡ଼େମୀଠାରୁ ଦୂରେଇ ରଖାଯାଉଛି । ସାହିତ୍ୟ ଏକାଡ଼େମୀର ମୌଳିକ କାର୍ଯ୍ୟଧାରା ହେଉଛି ସାହିତ୍ୟିକମାନଙ୍କ ମଧ୍ୟରେ ସାରସ୍ୱତ ସମ୍ପର୍କର ସେତୁବନ୍ଧ ତିଆରି କରିବା କଥା । ଆଉ ଅଖ୍ୟାତ ପଲ୍ଲୀର ସାହିତ୍ୟକଟିକୁ ସନ୍ଧାନ କରି ଲୋକ ଲୋଚନକୁ ଆଣିବା । ଅଖ୍ୟାତ ଅଚଂଳରେ ସାହିତ୍ୟ ଓ ଓଡ଼ଆ ଭାଷାର ଜାଗରଣ ସୃଷ୍ଟି କରିବା ସତରେ କଣ ଏ ଦିଗରେ ଏକାଡ଼େମୀ କାର୍ଯ୍ୟପନ୍ଥା ଗ୍ରହଣ କରିପାରୁଛି ? ସହରୀ ସଂସ୍କୃତି ପାଖରେ ଏକାଡ଼େମୀ ସୀମା ବଦ୍ଧ ହୋଇ ଯାଉଛି ବୋଲି ଅଖ୍ୟାତ ପଲ୍ଲୀର ସାହିତ୍ୟିକମାନଙ୍କର ସ୍ୱର ଶାଣିତ ହେଲାଣି । ସ୍ୱାଭିମାନୀ ସାହିତ୍ୟିକ ଓ ପୁରାତନ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଗୁଡ଼ିକୁ ଅଣଦେଖା କରିବା ଏକାଡ଼େମୀର ଏହା ଏକ ପୁରୁଣା ପରମ୍ପରା । ଓଡ଼ିଶା ସାହିତ୍ୟ ଏକାଡ଼େମୀର ସମ୍ବିଧାନ ପରିବର୍ତ୍ତନ ପାଇଁ ବହୁ ବର୍ଷ ଧରି ଦାବୀ ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି ସରକାର ନାଁ ସାଧାରଣ ପରିଷଦ ନାଁ ଏକାଡ଼େମୀ କର୍ତ୍ତୃପକ୍ଷ କେହିବି ଧ୍ୟାନ ଦେଉନାହାନ୍ତି । ଭୁଲ ସମ୍ବିଧାନ ଯୋଗୁ ଲେଖକମାନେ ନନ୍ଦିତ ଓ ଲଜିତ ହେଉଛନ୍ତି । ଏହି ଭୁଲ ସମ୍ବିଧାନ ଯୋଗୁ ସରକାରଙ୍କ ଦ୍ୱାରା ମନୋନିତ ହୋଇଥିବା ସାହିତ୍ୟିକ ମାନେ ଏକାଡ଼େମୀ ଲାଗି ମୁଣ୍ଡ ବ୍ୟଥାର କାରଣ ହୋଇଥାନ୍ତି । ସେମାନେ ଅନ୍ୟ ସଦସ୍ୟ ମାନଙ୍କ ସମ୍ପର୍କରେ କିଛି ନଜାଣି ସେହି ନୂତନ ସମସ୍ୟ ମାନଙ୍କୁ ଭୋଟ ମାଧ୍ୟମରେ ନିର୍ବାଚିତ କରିଥାନ୍ତି । ଏହି ନିର୍ବାଚନକୁ ନେଇ ବେଳେବେଳେ ରୋଚକ ପରିସ୍ଥିତି ସୃଷ୍ଟି ହୋଇଥାଏ । ଏକାଡ଼େମୀ ହଳଧର ଧୀର ସମ୍ବିଧାନର ଭୁଲ୍ ନିୟମ ଯୋଗୁ ଜଣେ ସାହିତ୍ୟକୁ ତାର ଅଜାଣତରେ ତାକୁ ନିନ୍ଦିତ ଓ ଅପମାନିତ ହେବାକୁ ପଡ଼ିଥାଏ । ସରକାରଙ୍କ ଦ୍ୱାରା ଜଣେ ମନୋନୀତ ସଦସ୍ୟ ଯେକୌଣସି ବ୍ୟକ୍ତିଙ୍କର ନାମକୁ ତାଙ୍କ ଅଜାଣତରେ ତାଙ୍କର ବିନା ଅନୁମତିରେ ପ୍ରାର୍ଥୀ ଭାବେ ତାଙ୍କର ନାମକୁ ପ୍ରସ୍ତାବ ଦେଇପାରିବେ । ସେ ସମାଜର ପ୍ରତିଷ୍ଠିତ ବ୍ୟକ୍ତି ହୋଇଥାନ୍ତୁ କି, ସରକାରୀ କଳର କ୍ଷମତାସୀନ ବ୍ୟକ୍ତି ହୋଇଥାନ୍ତୁ କି, କ୍ଷମତାସୀନ ବିରୋଧୀ ରାଜନୈତିକ ଦଳର କ୍ଷମତାଧାରୀ ବ୍ୟକ୍ତି ହୋଇଥାନ୍ତୁ କିମ୍ବା ଉଚ୍ଚ ପଦପଦବୀରେ ବସିଥିବା ସମ୍ମାନୀୟ ବ୍ୟକ୍ତି ହୁଅନ୍ତୁ ବା ସାଧାରଣ ମଣିଷଟିଏ ଅଥବା ସାହିତ୍ୟିକଟିଏ ହେଉ, ସେମାନଙ୍କର ନାମକୁ ପ୍ରାର୍ଥୀଭାବେ ସରକାରଙ୍କ ଦ୍ୱାରା ମନୋନୀତ ସଦସ୍ୟମାନେ ପ୍ରସ୍ତାବ ଦେଇ ପାରିବେ । ଏହା ଫଳରେ ପ୍ରସ୍ତାବିତ ପ୍ରାର୍ଥୀହୋଇ ବ୍ୟକ୍ତିଟିର ବ୍ୟକ୍ତିସ୍ୱାଧୀନତା ଲୋପ ପାଇଥାଏ । ଏହା ତାର ସ୍ୱାଭିମାନ ଓ ସମ୍ମାନ ପ୍ରତି ନଗ୍ନ ଆକ୍ରମଣ କହିଲେ ଅତ୍ୟୁକ୍ତ ହେବନାହିଁ । ଏହି ଆକ୍ରମଣରୁ ଉକ୍ତ ଲେଖକ ମଧ୍ୟ ବାଦ୍ ପଡ଼ିନାହିଁ । ହାରିଗଲେ ପ୍ରତିଷ୍ଠିତ ବ୍ୟକ୍ତି ଅପମାନିତ ଓ ନିନ୍ଦିତ ହୁଏ ତା ସହିତ ତାର ବ୍ୟକ୍ତି ସ୍ୱାଧିନତା ମଧ୍ୟ କ୍ଷୁଣ୍ଣ ହୁଏ । ଯଦି ଜଣେ ସରକାରୀ ମନୋନୀତ ସଦସ୍ୟଙ୍କର କୌଣସି ବ୍ୟକ୍ତି ଉପରେ ଅସୂୟା ଭାବ ଥାଏ ତେବେ ସେ ସେହି ବ୍ୟକ୍ତି ଜଣଙ୍କର ନାମକୁ ପ୍ରାର୍ଥୀ ଭାବେ ପ୍ରସ୍ତାବ ଦେଇ ତାକୁ ହରାଇ ସର୍ବସାଧାରଣରେ ସମାଜରେ ନିନ୍ଦିତ କରାଇ ତାର ସମ୍ମାନହାନୀ ଘଟାଇଥାଏ । ତେଣୁ ଏହି ପରି ଭୁଲ ସମ୍ବିଧାନ ବଳରେ ସାମ୍ବିଧାନିକ କ୍ଷମତା ସଦସ୍ୟମାନଙ୍କୁ ଦେବା ଉଚିତ ନୁହେଁ । ଯାହା ସମାଜର ଓ ବ୍ୟକ୍ତିର କ୍ଷତି ଘଟାଇବ । ପ୍ରାର୍ଥୀଙ୍କର ସମ୍ମତି ନଥିଲେ ସେମାନଙ୍କୁ ନିର୍ବାଚନର ପ୍ରାର୍ଥୀ ବୋଲି ଘୋଷଣା କରିବା ଉଚିତ ନୁହଁ । କିମ୍ବା ପ୍ରାର୍ଥୀ ନିଜେ ନୋମିନେସନ ପତ୍ର ପୁରଣ କରି ନୋମିନେସନ ପତ୍ରକୁ ନିର୍ବାଚନ ଅଫିସରଙ୍କ ନିକଟରେ ଦାଖଲ କରି ଆଇନଗତ ପ୍ରାର୍ଥୀ ଭାବେ ନିଜକୁ ଘୋଷଣା କରିବା ଉଚିତ । ଏହି ନୋମିନେସନ ଫର୍ମରେ ପ୍ରସ୍ତାବକ ଓ ସମର୍ଥକଙ୍କର ସ୍ୱାକ୍ଷର ରହିବା ଲାଗି ନିୟମ ପ୍ରଣୟନ ହେବା ଉଚିତ। ଫଳରେ ବ୍ୟକ୍ତିର ବ୍ୟକ୍ତି ସ୍ୱାଧିନତା ରକ୍ଷା ହୋଇପାରିବା ସଙ୍ଗେସଙ୍ଗେ ତା ସ୍ୱାଭିମାନ, ସମ୍ମାନ ରକ୍ଷା ହୋଇ ପାରନ୍ତା । ଏଦିଗରେ ସରକାର ଓ ଏକାଡ଼େମୀ କର୍ତ୍ତୃପକ୍ଷ ସହୃଦୟ ତାର ସହ ବିଚାର କରିବାକୁ ବର୍ଷବର୍ଷ ଧରି ନିବେଦନ କରାଯାଇ ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାର ସୁଫଳ ମିଳିପାରି ନାହିଁ । ବର୍ତ୍ତମାନର ସରକାର ଓଡ଼ିଆ ଅସ୍ମିତାର କଥା କହୁଥିବା ବେଳେ ଏହି ବ୍ୟବସ୍ଥାର ପରିବର୍ତ୍ତନ ଓ ସମସ୍ୟାର ସମାଧାନ କରିପାରିବେ ବୋଲି ସାହିତ୍ୟିକ ଓ ବୁଦ୍ଧିଜିବି ମାନେ ଆଶା ପ୍ରକାଶ କରିଛନ୍ତି । ସବୁଠାରୁ ଦୁଃଖର ବିଷୟ ହେଉଛି ଯେଉଁ ଏକାଡ଼େମୀକୁ ଦୁର୍ନିତି କି କଳଙ୍କ ସ୍ୱର୍ଶ କରି ପାରିନଥିଲା ଆଜି ସେହି ଏକାଡ଼େମୀ ଉପରେ ନାନା ପ୍ରଶ୍ନ ଓ ସମସ୍ୟାର କଳା ବାଦଲ ଖଣ୍ଡମାନ ଘୁରିବୁଲୁଛି ତାହାର ଅନ୍ତ କେବେ ହେବ ତାହା ସମୟ ହିଁ କହିପାରିବ । ସାଧାରଣ ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିଲେ ବି ନୂତନ ସାଧାରଣ ପରିଷଦ ଗଠନ ହୋଇ ପାରିଲା ନାହିଁ । ସମୟାନୁକ୍ରମେ ପୁରସ୍କାର ଦିଆଯିବାର ପ୍ରକ୍ରୀୟା ସ୍ଥଗିତ ରହୁଛି । ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟକଳାପକୁ ନେଇ ନ୍ୟାୟାଳୟରେ ମାମଲା ଚାଲୁଛି । ଏହି ପରି ଅନେକ ସମସ୍ୟାର ବୋଝ ମୁଣ୍ଡରେ ମଣ୍ଡେଇ ଏକାଡ଼େମୀ ଗତି କରିଚାଲିଛି । ଓଡ଼ିଶା ସରକାର ଏହି ସମସ୍ୟାଗୁଡ଼ିକ ସମାଧାନ ଲାଗି ଆନ୍ତରିକତାର ସହ ଯଦି ଚିନ୍ତା କରନ୍ତେ ତେବେ ସବୁ ସମସ୍ୟାର ସମାଧାନ ଖୁବ୍ ଶିଘ୍ର ହୋଇପାରନ୍ତା । ଆଜି ଓଡ଼ିଆ ଅସ୍ମିତା ସରକାରୀ କଳ ଆଉ ତୋଷାମଦିଆ ସାହିତ୍ୟିକଙ୍କ କବଳରେ କବଳିତ ସତରେ କଣ ଏପରି ସ୍ଥିତିରେ ଓଡ଼ିଆ ଅସ୍ମିତା ସେମାନଙ୍କ କଳବରୁ ମୁକ୍ତି ପାଇ ପାରିବ । ଆଶା ଓ ବିଶ୍ୱାସ ରାଜ୍ୟ ସରକାର ସଂସ୍କୃତି ବିଭାଗ, ସାହିତ୍ୟ ଏକାଡ଼େମୀର ସୁଦକ୍ଷ ସମ୍ପାଦକ ଏଦିଗରେ ସହୃଦୟତାର ସହିତ ବିଚାର କରି କାର୍ଯ୍ୟପନ୍ଥା ଗ୍ରହଣ କରିବା ସହ ଓଡ଼ିଶାର ଲୋକପ୍ରିୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ସଫଳତାର ସହ କାର୍ଯ୍ୟ ସମ୍ପାଦନା କରିବା ଉଚିତ।

# ହସର ରହସ୍ୟ

ଏହା ସତ ଯେ ଅଧିକାଂଶ ନିଷ୍କରୁଣ ଏକଛତ୍ରବାଦୀ ଶାସକଙ୍କ ଭଳି ଉଦାରତାର ପରିଚୟ ଦେବା ଲାଗି ଉତର କୋରିଆ ଯେଉଁ ନାମ ବହନ କରିଥାଏ, ତାହା ହେଲା 'ଡେମୋକ୍ରାଟିକ ରିପବ୍ଲିକ ଅଫ କୋରିଆ', ଅର୍ଥାତ୍ ତାହା ଏକ ଗଣତାନ୍ତ୍ରିକ ସାଧାରଣତନ୍ତ୍ର। ସେଠାରେ ନିର୍ବାଚନ ମଧ୍ୟ ଅନୁଷ୍ଠିତ ହୋଇଥାଏ, ଯେଉଁଠି ୯୯.୯% ମତଦାନ ହୁଏ ଏବଂ ସମସ୍ତ ଭୋଟ ସେହି ଗୋଟିଏ ପରିବାରର କର୍ତାଙ୍କ ନିକଟକୁ ଯାଇଥାଏ। ତେଣୁ, ଏଭଳି ଗମାତର ଆୟୋଜନ ମଧ୍ୟ ହୋଇପାରେ ଭାବମୂର୍ତି ପରିମାର୍ଜନ ଉଦ୍ଦେଶ୍ୟରେ ଏକ ପ୍ରୟାସ ! 'ହର୍ମିଟ କିଂଡମ' ଭାବରେ ପରିଚିତ ଉତ୍ତର କୋରିଆର ଶୁଷ୍କ, ଭାବହୀନ, ପାଷାଣପ୍ରତିମ ଚେହେରାରେ ହସ ଫୁଟାଇବା ଲକ୍ଷ୍ୟରେ ସେହି ଦେଶର ଅତ୍ୟନ୍ତ ନିଷ୍ଠୁର ଶାସକ କିମ ଜୋଙ୍ଗ ଉନଙ୍କ ଦ୍ୱାରା ଗମାତ ବା ଇଂରେଜୀରେ 'ଫନ୍'ର ଆୟୋଜନ କରାଯିବା କେବଳ ବିସ୍ମୟ ଓ କୌତୂହଳ ସୃଷ୍ଟି କରି ନ ଥାଏ, ଅସଂଖ୍ୟଙ୍କୁ ଆମୋଦିତ ମଧ୍ୟ କରିଛି। ପ୍ରକାଶ ଥାଉ କି ଗୋଟିଏ ପରିବାରର ତିନି ପିଢ଼ିର ଦାୟାଦ ଗୋଟିଏ ଦେଶ ଓ ତା'ର ପ୍ରାୟ ଅଢ଼େଇ କୋଟି ଅଧିବାସୀଙ୍କୁ ସଂପୂର୍ଣ୍ଣ ଅକ୍ତିଆର କରି, ଅବଶିଷ୍ଟ ପୃଥିବୀଠାରୁ ସଂପୂର୍ଣ୍ଣ ପୃଥକ୍ ରଖି 'ହର୍ମିଟ୍' ବା 'ଏକାନ୍ତବାସୀ' ଭଳି ଏକ ବିଶେଷଣ ଅର୍ଜନ କରିଛନ୍ତି; ଏବଂ ବାହାରୁ ବିକାଶର ଆଲୋକ ବା ସମୀରଣର ପ୍ରବେଶକୁ ରୁନ୍ଧିବା ଲାଗି ବାତାୟନ କିଳି ଦେଇଛନ୍ତି। ଏଣୁ ପ୍ରଶ୍ନ ଉଠିଥାଏ ଯେ ସେହି ଶାସକଙ୍କ ହୃଦୟରେ ଏଭଳି ପରିବର୍ତନ ଘଟିଲା କେମିତି ବା କାହିଁକି ? ପ୍ରକାଶ ଥାଉ କି ଶାସକଙ୍କ ଅନୁମତି କ୍ରମେ ଉତର କୋରିଆର ଯେଉଁ ସ୍ୱଳ୍ପ ସଂଖ୍ୟକ ଚିତ୍ର ଓ ଦୃଶ୍ୟ ସମୟେ ସମୟେ ପ୍ରକାଶ୍ୟ ହୋଇଥାଏ, ତହିଁରୁ ଏକ ସମୃଦ୍ଧ ଓ ସୁଖୀ ଦେଶର ଆଭାସ ମିଳିପାରେ ସତ; କିନ୍ତୁ ପ୍ରକୃତ ପକ୍ଷେ ତାହା ଏକ ଦରିଦ୍ର ଓ ନିର୍ମମ ଭାବେ ନିପୀଡ଼ିତ ରାଷ୍ଟ୍ର, ଯେଉଁଠି ବିଦେଶ ଯିବା, ବିଦେଶୀ ସିନେମା ବା ଟେଲିଭିଜନ ସୋ ଦେଖିବା, ଇଟଂରନେଟର ସ୍ୱାଧୀନ ବ୍ୟବହାର କରିବା ଇତ୍ୟାଦି ମଧ୍ୟ ନିଷିଦ୍ଧ, ତେଣିକି ବିଦେଶୀ ଟେଲିଭିଜନ ନ୍ୟୁଜ ଚ୍ୟାନେଲ କଥା ଦୂରେ ଥାଉ। ଏବଂ ଏହାର ଅବମାନନା ବିନା କୌଣସି ଦ୍ୱିଧା ବା ସଂକୋଚରେ ତତ୍କ୍ଷଣାତ୍ ମୃତ୍ୟୁ ଦଣ୍ଡର ଦଶା ଦେଇପାରେ। ସେ ଦେଶରେ କେଶ ବିନ୍ୟାସ, ପ୍ରସାଧନର ବ୍ୟବହାର ଓ ପୋଷାକ ପରିଧାନ ଇତ୍ୟାଦି ମଧ୍ୟ ଶାସକଙ୍କ ସ୍ଥିରୀକୃତ ଶୈଳୀ ଅନୁସାରେ ହୋଇଥାଏ; ଯେମିତି କି ସାଂପ୍ରତିକ ସର୍ବମୟ କର୍ତା କିମ ଜୋଙ୍ଗ ଉନଙ୍କ ଭଳି କେଶ ରଖିବା ବା ଚଷମା ପିନ୍ଧିବା ଏପରିକି ସେ ପରିଧାନ କରୁଥିବାରୁ ଚମଡ଼ା ଜ୍ୟାକେଟ ପିନ୍ଧିବା ମଧ୍ୟ ନିଷିଦ୍ଧ। ୨୦୨୧ ମସିହାରେ, କିମ ଜୋଙ୍ଗ ଉନଙ୍କ ବାପା କିମ ଜୋଙ୍ଗ-ଇଲଙ୍କ ନିଧନର ଦଶ ବର୍ଷ ପୂର୍ତି ଅବସରରେ, ରାଷ୍ଟ୍ରୀୟ ଶୋକ ପ୍ରକାଶ ସ୍ୱରୂପ ନାଗରିକମାନଙ୍କ ହସିବା, ପାରିବାରିକ ଉତ୍ସବ ପାଳନ କରିବା, ମଦ୍ୟପାନ କରିବା, ସପିଂ କରିବା ଓ ଏପରିକି କୌଣସି ଆତ୍ମୀୟ ସ୍ୱଜନଙ୍କ ଦେହାନ୍ତରେ ଶ୍ରୁତିଗୋଚର ହେଲା ଭଳି କ୍ରନ୍ଦନ କରିବା ଆଦିକୁ ଦଣ୍ଡନୀୟ ଅପରାଧ କରାଯାଇଥିଲା। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ସେହି ସମୟରେ ଲୁଚେଇ ମଦ ପିଉଥିବା କତିପୟ ନାଗରିକ ଧରା ପଡ଼ି ନିଃଶବ୍ଦରେ ଅଦୃଶ୍ୟ ହୋଇଯାଇଛନ୍ତି। ସେ ଦେଶରେ ଜଣଙ୍କର ଦୋଷ ବା ଅପରାଧ ଲାଗି ସମଗ୍ର ପରିବାର ମୃତ୍ୟୁଦଣ୍ଡ ଓ ଦୀର୍ଘ କାଳ କାରାବାସ ଭୋଗିବାର ଅସଂଖ୍ୟ ଦୃଷ୍ଟାନ୍ତ ରହିଛି, ଯାହାକୁ 'ଗିଲ୍ଟ ଅଫ ଆସୋସିଏସନ' ବା 'ସଂସର୍ଗର ପ୍ରାୟଶ୍ଚିତ୍ତ' ବୋଲି କୁହାଯାଇଥାଏ। ଉତ୍ତର କୋରିଆରୁ କେ ?ଶସିମତେ ପଳାୟନ କରି ଦକ୍ଷିଣ କୋରିଆରେ ଶରଣ ଲାଭ କରିବାର ସୌଭାଗ୍ୟ ଅର୍ଜନ କରିଥିବା ସିନ ଡୋଙ୍ଗ ନ୍ୟୁକ, ଯିଏ ନିଜ ପିତାମହ କରିଥିବା ଅପରାଧ ଲାଗି 'ଗିଲ୍ଟ ଅଫ ଆସୋସିଏସନ' କ୍ରମରେ ବନ୍ଦିନୀ ମା'ଙ୍କ ଗର୍ଭରୁ ଜେଲରେ ଜନ୍ମ ହୋଇ ଉତର କୈଶୋର ଯାଏଁ ବଢ଼ିବାର ଦୁର୍ଭାଗ୍ୟ ସହିଥିଲେ ଏବଂ ଚକ୍ଷୁ ସାମନାରେ ପୁଲିସ ହାତରେ ନିଜ ମା' ଓ ଭାଇଙ୍କ ହତ୍ୟା ଦେଖିଥିଲେ। ଘଟଣା ଚକ୍ରରେ ସଂପ୍ରତି ଜଣେ ପ୍ରସିଦ୍ଧ ମାନବ ଅଧିକାର ଓକିଲରେ ପରିଣତ ହୋଇଥିବା ଡୋଙ୍ଗ ନ୍ୟୁକଙ୍କ ଜୀବନୀ ପୁସ୍ତକ 'ଏସକେପ ଫ୍ରମ କ୍ୟାମ୍ପ ୧୪'ରୁ ସେ ଦେଶର ଶାସକ ଓ ବ୍ୟବସ୍ଥା କିଭଳି ଅକଳ୍ପନୀୟ ଭାବେ ନିଷ୍ଠୁର ହୋଇପାରେ, ତାହାର ଧାରଣା ମିଳିଥାଏ। ସେମିତି ସମଗ୍ର ପୃଥିବୀକୁ ସ୍ତବ୍ଧ କରି ଦେଇଥିବା ଭଳି ଖବରଟିଏ କହିଥିଲା, କିଭଳି ୨୦୧୩ ମସିହାରେ, ବିଶ୍ୱାସଘାତକତାର ଆରୋପରେ, ଉଚ୍ଚ ପଦାସୀନ ତାଙ୍କର ଜଣେ ମଉସା-ଶ୍ୱଶୁର ଜାଙ୍ଗ ସଙ୍ଗ ଥାଏକଙ୍କୁ ଦଳେ ଡାହାଳ କୁକୁରଙ୍କ ଦଳ ଭିତରେ କଲବଲ ହୋଇ ମରିବାକୁ ଛାଡ଼ି ଦିଆଯାଇଥିଲା। ଯଦିଓ ଏହା ଏକ ଅପପ୍ରଚାର ଏବଂ ଫାୟାରିଂ ସ୍କ୍ୱାଡ୍ ଦ୍ୱାରା ଥାଏକଙ୍କୁ ମୃତ୍ୟୁ ଦଣ୍ଡ ଦିଆଯାଇଥିବା ବିଷୟ ଉତ୍ତର କୋରିଆ ପକ୍ଷରୁ ସଫେଇ ଦିଆଯାଇଥିଲା, ତଥାପି ବିଶ୍ୱାସ କରାଯାଏ ଯେ ଦେଶକୁ ଭୟ ଜର୍ଜର କରି ରଖିବା ସକାଶେ ଏଭଳି ପଦକ୍ଷେପ ନିଆଯାଇଥିବା ଅସମ୍ଭବ ମଧ୍ୟ ନୁହେଁ ! ତେଣୁ, ସେଭଳି ଏକ ଦେଶରେ ଗମାତର ଆୟୋଜନ ସ୍ୱାଭାବିକ ଭାବେ ଚକିତ କରିଦେବା ଭଳି ହୋଇଥାଏ। କୁହାଯାଉଛି ଯେ ଏହା ପଛରେ ମଧ୍ୟ ରହିଛି ଏକ ଅଭିସନ୍ଧି ! ପ୍ରକାଶ ଥାଉ କି ନବମ ଦଶକରେ, ସୋଭିଏତ ରୁଷିଆର ବିଲୟ ପରେ ଉତ୍ତର କୋରିଆର ଅର୍ଥ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା ଏବଂ ୧୯୯୪ ମସିହାରୁ ୧୯୯୯ ମସିହା ମଧ୍ୟରେ ସେ ଦେଶ ପ୍ରତ୍ୟକ୍ଷ କରିଥିଲା ଅବର୍ଣ୍ଣନୀୟ ଦୁର୍ଭିକ୍ଷ ଓ ଅନଟନ। ସେହି ସମୟରେ କେବଳ ବଚିଂ ରହିବା ଲାଗି (୬ରୁ ୧୦ ଲକ୍ଷ ମୃତ୍ୟୁ ମୁଖରେ ପଡ଼ିଥିଲେ), ସାଧାରଣ ଲୋକେ ନିଜ ବ୍ୟକ୍ତିଗତ ସଂପତିର ଯେଉଁ ବିକ୍ରିବଟା ଆରମ୍ଭ କରିଥିଲେ, ତାହା କ୍ରମେ ଏକ ବଜାରର ସୃଷ୍ଟି କରିଛି, ଯହିଁରେ ଅନେକ ନାଗରିକ ଆଖିଦୃଶିଆ ବିତ୍ତ ମଧ୍ୟ ଆହରଣ କରିପାରିଛନ୍ତି, ଯେଉଁମାନଙ୍କ ସଂଖ୍ୟା ଆନୁମାନିକ ଭାବେ କୁଆଡ଼େ ହେବ ପ୍ରାୟ ୮ ନିୟୁତ। ତେବେ, ସେଭଳି ନାଗରିକଙ୍କ ସକାଶେ ବିତ ବ୍ୟୟ କରିବାର ବିଶେଷ କୌଣସି ସୁଯୋଗ ନ ଥିବାରୁ ତାହା ସେମାନଙ୍କ ନିକଟରେ ଜମା ଆକାରରେ ହିଁ ପଡ଼ି ରହିଛି। ସୁତରାଂ, ବିତ ଖର୍ଚ୍ଚର ସୁଯୋଗ ସକାଶେ ସେଠାରେ ଏଭଳି ଉଦ୍ୟମ ଦେଖିବାକୁ ମିଳୁଛି; ଯେମିତି ରାଜଧାନୀ ପୋଙ୍ଗୟାଙ୍ଗରେ, ଗପସପର ଆସର ଓ ମଉଜ ଲାଗି, ଦୃଶ୍ୟମାନ ହେଲାଣି ଅନେକ କାଫେଟେରିଆ, ୱାଟର ପାର୍କ, ଗେମିଂ ଜୋନ, ସ୍କିଂ ରେସର୍ଟ ଇତ୍ୟାଦି; ୨୦୨୫ ଜୁଲାଇରୁ ସ୍ୱଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ଲୋକାରଣ୍ୟ ହୋଇ ଉଠିଛି ବିଳାସ ପରିପୂର୍ଣ୍ଣ ୱଂପସାନ-କଲମା ବେଳାଭୂମି। ବର୍ଷକ ଭିତରେ ସେଠାକୁ ଆସିଲେଣି ୩ ଲକ୍ଷରୁ ଅଧିକ ଲୋକ। ଏହାର ଅର୍ଥ ନାଗରିକଙ୍କ ସଂଚିତ ଅର୍ଥକୁ ରାଜକୋଷକୁ ଆଣିବାର ଏହା ହେଉଛି ଏକ କୌଶଳ; ଏବଂ ଏକ ବିରସ ରାଷ୍ଟ୍ର ସକାଶେ ସରକାରୀ କର୍ତ୍ତୃତ୍ୱାଧୀନ ଗମାତ ମଧ୍ୟ ବେଶ ଆକର୍ଷଣୀୟ ହୋଇଥାଏ। ଏହା ସତ ଯେ ଅଧିକାଂଶ ନିଷ୍କରୁଣ ଏକଛତ୍ରବାଦୀ ଶାସକଙ୍କ ଭଳି ଉଦାରତାର ପରିଚୟ ଦେବା ଲାଗି ଉତ୍ତର କୋରିଆ ଯେଉଁ ନାମ ବହନ କରିଥାଏ, ତାହା ହେଲା 'ଡେମୋକ୍ରାଟିକ ରିପବ୍ଲିକ ଅଫ କୋରିଆ', ଅର୍ଥାତ୍ ତାହା ଏକ ଗଣତାନ୍ତ୍ରିକ ସାଧାରଣତନ୍ତ୍ର। ସେଠାରେ ନିର୍ବାଚନ ମଧ୍ୟ ଅନୁଷ୍ଠିତ ହୋଇଥାଏ, ଯେଉଁଠି ୯୯.୯% ମତଦାନ ହୁଏ ଏବଂ ସମସ୍ତ ଭୋଟ ସେହି ଗୋଟିଏ ପରିବାରର କନ୍ନହସର ରହସ୍ୟ ଏହା ସତ ଯେ ଅଧିକାଂଶ ନିଷ୍କରୁଣ ଏକଛତ୍ରବାଦୀ ଶାସକଙ୍କ ଭଳି ଉଦାରତାର ପରିଚୟ ଦେବା ଲାଗି ଉତ୍ତର କୋରିଆ ଯେଉଁ ନାମ ବହନ କରିଥାଏ, ତାହା ହେଲା 'ଡେମୋକ୍ରାଟିକ ରିପବ୍ଲିକ ଅଫ କୋରିଆ', ଅର୍ଥାତ୍ ତାହା ଏକ ଗଣତାନ୍ତ୍ରିକ ସାଧାରଣତନ୍ତ୍ର। ସେଠାରେ ନିର୍ବାଚନ ମଧ୍ୟ ଅନୁଷ୍ଠିତ ହୋଇଥାଏ, ଯେଉଁଠି ୯୯.୯% ମତଦାନ ହୁଏ ଏବଂ ସମସ୍ତ ଭୋଟ ସେହି ଗୋଟିଏ ପରିବାରର କର୍ତ୍ତାଙ୍କ ନିକଟକୁ ଯାଇଥାଏ। ତେଣୁ, ଏଭଳି ଗମାତର ଆୟୋଜନ ମଧ୍ୟ ହୋଇପାରେ ଭାବମୂର୍ତି ପରିମାର୍ଜନ ଉଦ୍ଦେଶ୍ୟରେ ଏକ ପ୍ରୟାସ ! 'ହର୍ମିଟ କିଂଡମ' ଭାବରେ ପରିଚିତ ଉତ୍ତର କୋରିଆର ଶୁଷ୍କ, ଭାବହୀନ, ପାଷାଣପ୍ରତିମ ଚେହେରାରେ ହସ ଫୁଟାଇବା ଲକ୍ଷ୍ୟରେ ସେହି ଦେଶର ଅତ୍ୟନ୍ତ ନିଷ୍ଠୁର ଶାସକ କିମ ଜୋଙ୍ଗ ଉନଙ୍କ ଦ୍ୱାରା ଗମାତ ବା ଇଂରେଜୀରେ 'ଫନ୍'ର ଆୟୋଜନ କରାଯିବା କେବଳ ବିସ୍ମୟ ଓ କୌତୂହଳ ସୃଷ୍ଟି କରି ନ ଥାଏ, ଅସଂଖ୍ୟଙ୍କୁ ଆମୋଦିତ ମଧ୍ୟ କରିଛି। ପ୍ରକାଶ ଥାଉ କି ଗୋଟିଏ ପରିବାରର ତିନି ପିଢ଼ିର ଦାୟାଦ ଗୋଟିଏ ଦେଶ ଓ ତା'ର ପ୍ରାୟ ଅଢ଼େଇ କୋଟି ଅଧିବାସୀଙ୍କୁ ସଂପୂର୍ଣ୍ଣ ଅକ୍ତିଆର କରି, ଅବଶିଷ୍ଟ ପୃଥିବୀଠାରୁ ସଂପୂର୍ଣ୍ଣ ପୃଥକ୍ ରଖି 'ହର୍ମିଟ୍' ବା 'ଏକାନ୍ତବାସୀ' ଭଳି ଏକ ବିଶେଷଣ ଅର୍ଜନ କରିଛନ୍ତି; ଏବଂ ବାହାରୁ ବିକାଶର ଆଲୋକ ବା ସମୀରଣର ପ୍ରବେଶକୁ ରୁନ୍ଧିବା ଲାଗି ବାତାୟନ କିଳି ଦେଇଛନ୍ତି। ଏଣୁ ପ୍ରଶ୍ନ ଉଠିଥାଏ ଯେ ସେହି ଶାସକଙ୍କ ହୃଦୟରେ ଏଭଳି ପରିବର୍ତନ ଘଟିଲା କେମିତି ବା କାହିଁକି ? ପ୍ରକାଶ ଥାଉ କି ଶାସକଙ୍କ ଅନୁମତି କ୍ରମେ ଉତ୍ତର କୋରିଆର ଯେଉଁ ସ୍ୱଳ୍ପ ସଂଖ୍ୟକ ଚିତ୍ର ଓ ଦୃଶ୍ୟ ସମୟେ ସମୟେ ପ୍ରକାଶ୍ୟ ହୋଇଥାଏ, ତହିଁରୁ ଏକ ସମୃଦ୍ଧ ଓ ସୁଖୀ ଦେଶର ଆଭାସ ମିଳିପାରେ ସତ; କିନ୍ତୁ ପ୍ରକୃତ ପକ୍ଷେ ତାହା ଏକ ଦରିଦ୍ର ଓ ନିର୍ମମ ଭାବେ ନିପୀଡ଼ିତ ରାଷ୍ଟ୍ର, ଯେଉଁଠି ବିଦେଶ ଯିବା, ବିଦେଶୀ ସିନେମା ବା ଟେଲିଭିଜନ ସୋ ଦେଖିବା, ଇଟଂରନେଟର ସ୍ୱାଧୀନ ବ୍ୟବହାର କରିବା ଇତ୍ୟାଦି ମଧ୍ୟ ନିଷିଦ୍ଧ, ତେଣିକି ବିଦେଶୀ ଟେଲିଭିଜନ ନ୍ୟୁଜ ଚ୍ୟାନେଲ କଥା ଦୂରେ ଥାଉ। ଏବଂ ଏହାର ଅବମାନନା ବିନା କୌଣସି ଦ୍ୱିଧା ବା ସଂକୋଚରେ ତତ୍କ୍ଷଣାତ୍ ମୃତ୍ୟୁ ଦଣ୍ଡର ଦଶା ଦେଇପାରେ। ସେ ଦେଶରେ କେଶ ବିନ୍ୟାସ, ପ୍ରସାଧନର ବ୍ୟବହାର ଓ ପୋଷାକ ପରିଧାନ ଇତ୍ୟାଦି ମଧ୍ୟ ଶାସକଙ୍କ ସ୍ଥିରୀକୃତ ଶୈଳୀ ଅନୁସାରେ ହୋଇଥାଏ; ଯେମିତି କି ସାଂପ୍ରତିକ ସର୍ବମୟ କର୍ତା କିମ ଜୋଙ୍ଗ ଉନଙ୍କ ଭଳି କେଶ ରଖିବା ବା ଚଷମା ପିନ୍ଧିବା ଏପରିକି ସେ ପରିଧାନ କରୁଥିବାରୁ ଚମଡ଼ା ଜ୍ୟାକେଟ ପିନ୍ଧିବା ମଧ୍ୟ ନିଷିଦ୍ଧ। ୨୦୨୧ ମସିହାରେ, କିମ ଜୋଙ୍ଗ ଉନଙ୍କ ବାପା କିମ ଜୋଙ୍ଗ-ଇଲଙ୍କ ନିଧନର ଦଶ ବର୍ଷ ପୂର୍ତି ଅବସରରେ, ରାଷ୍ଟ୍ରୀୟ ଶୋକ ପ୍ରକାଶ ସ୍ୱରୂପ ନାଗରିକମାନଙ୍କ ହସିବା, ପାରିବାରିକ ଉତ୍ସବ ପାଳନ କରିବା, ମଦ୍ୟପାନ କରିବା, ସପିଂ କରିବା ଓ ଏପରିକି କୌଣସି ଆତ୍ମୀୟ ସ୍ୱଜନଙ୍କ ଦେହାନ୍ତରେ ଶ୍ରୁତିଗୋଚର ହେଲା ଭଳି କ୍ରନ୍ଦନ କରିବା ଆଦିକୁ ଦଣ୍ଡନୀୟ ଅପରାଧ କରାଯାଇଥିଲା। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ସେହି ସମୟରେ ଲୁଚେଇ ମଦ ପିଉଥିବା କତିପୟ ନାଗରିକ ଧରା ପଡ଼ି ନିଃଶବ୍ଦରେ ଅଦୃଶ୍ୟ ହୋଇଯାଇଛନ୍ତି। ସେ ଦେଶରେ ଜଣଙ୍କର ଦୋଷ ବା ଅପରାଧ ଲାଗି ସମଗ୍ର ପରିବାର ମୃତ୍ୟୁ ଦଣ୍ଡ ଓ ଦୀର୍ଘ କାଳ କାରାବାସ ଭୋଗିବାର ଅସଂଖ୍ୟ ଦୃଷ୍ଟାନ୍ତ ରହିଛ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. **ସଂପାଦକ: ପ୍ରକାଶ କୁମାର ଧଳ**

**Mobile :** 9439951525,**Email: utkalsamachar@gmail.com / utkalsamachar@rediffmail.com** (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) **Phone:** 0661-2646999 **Editor : Prakash Kumar Dhal**

**CITY OFFICE: B/204, SECTOR-16, ROURKELA , Pin :769003**







# ଜିଲ୍ଲା ପ୍ରେସ କ୍ଲବର ବାର୍ଷିକ ଉତ୍ସବରେ ସାମ୍ବାଦିକ ଓ ସମାଜସେବୀ ସମ୍ବର୍ଦ୍ଧିତ




ଝାରସୁଗୁଡ଼ା,୨୨/୯(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ବାର୍ଷିକ ଉତ୍ସବ ଓ ନୂଆଁଖାଇ ଭେଟଘାଟ ଉତ୍ସବମୁଖର ପରିବେଶରେ ଆୟୋଜିତ ହୋଇଛି। ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିନତମାମ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଜିଲ୍ଲା ପ୍ରେସ କ୍ଲବ ସଭାପତି ପ୍ରଶାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବରେ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ, ସାମ୍ବାଦିକ ଓ ପ୍ରଶାସନ ମଧ୍ୟରେ ସୁସମ୍ପର୍କ ରହିଲେ ଲୋକଙ୍କ ସ୍ୱାର୍ଥ ସାଧନ ଅଧିକ ପ୍ରଭାବଶାଳୀ ହୋଇପାରିବ। ସାମ୍ବାଦିକଙ୍କ ସକାରାତ୍ମକ ସମାଲୋଚନା ପ୍ରଶାସନକୁ ତ୍ରୁଟି ସୁଧାରିବା ସହ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥାଏ ବୋଲି ସେ ମତ ଦେଇଥିଲେ। ଝାରସୁଗୁଡ଼ାରେ ଜିଲ୍ଲାପାଳ ଭାବେ ଏହା ତାଙ୍କର ପ୍ରଥମ ଦାୟିତ୍ୱ ହୋଇଥିବାରୁ ଜିଲ୍ଲାର ସାମଗ୍ରିକ ଉନ୍ନତି ପାଇଁ ଅନେକ ଯୋଜନା ରହିଥିବା ସେ ସୂଚନା ଦେଇଥିଲେ। ସାମ୍ବାଦିକମାନଙ୍କ ଆବଶ୍ୟକତା ପୂରଣ ଓ ସେମାନଙ୍କ ସହଯୋଗ ପାଇଁ ଜିଲ୍ଲା ପ୍ରଶାସନ ଯଥାସମ୍ଭବ ପଦକ୍ଷେପ ନେବ ବୋଲି ସେ କହିବା ସହ ନୂଆଁଖାଇ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍ପି ଜେମସ ସାମଦ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ରିତାକାନ୍ତି ବଲିଆରସିଂ ଯୋଗଦେଇ ସାମ୍ବାଦିକଙ୍କ ଭୂମିକା ଏବଂ ନୂଆଁଖାଇ ଭେଟଘାଟର ପରମ୍ପରା ଉପରେ ଆଲୋକପାତ କରିଥିଲେ। ପ୍ରେସ କ୍ଲବର ସାଧାରଣ ସମ୍ପାଦକ ଭରତ ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ାର ଗାୟତ୍ରୀ କଳା ସଂଗଠନ ପକ୍ଷରୁ ଢେମ୍ସା ନୃତ୍ୟ, ଲୋଇସିଂହାର ଶଙ୍କର ବେହେରା ଓ ସାଥୀଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ଓ ଗୀତ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା। ଢୋଲ, ନିଶାନ ଓ ତାସାର ତାଳେ ତାଳେ ଦର୍ଶକ ଝୁମି ଉଠିଥିଲେ। କଳାହାଣ୍ଡି ସାଂସ୍କୃତିକ ପରିଷଦ ଓ ବୌଦ୍ଧର ବାଉଁଶୁଣୀ ସାଂସ୍କୃତିକ ପରିଷଦର କଳାକାରମାନେ ମଧ୍ୟ ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷଣ କରି ମଂଚକୁ ଦୁଲୁକାଇଥିଲେ। ଏହି ଅବସରରେ ସାମ୍ବାଦିକ ଓ ସାମାଜିକ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରମେଶ ଗାନ୍ଧୀ, ରାଜେଶ ପାଢ଼ୀ, ଅର୍ଜ୍ଜୁନ ମୋର, ଅରବିନ୍ଦ ବାରିକ ଓ ବରିଷ୍ଠ ସମ୍ବାଦପତ୍ର ବିକ୍ରେତା ବିଜୟ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ପ୍ୟାରେଲାଲ ଶ୍ରୀବାସ୍ତବ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସାମ୍ବାଦିକ ସଂଘର କର୍ମକର୍ତ୍ତା ରବି ନାରାୟଣ ସାହୁ, ବିକ୍ରମ ମହାପାତ୍ର, ପ୍ରୀତମ ପଣ୍ଡା, ଟିଂଟୁ ଅଗ୍ରୱାଲ, ସନ୍ତୋଷ ଦଳାଇ, ବସନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଏନ୍ଏସ୍ସିବି କଲେଜରେ ନିଶାମୁକ୍ତ ଯୁବ ଫର୍ ବିକଶିତ ଭାରତ ସଙ୍କଳ୍ପ ସମାରୋହ

ସମ୍ବଲପୁର,୨୨/୯(ନି/ପ୍ର): ମେରା ଯୁବା ଭାରତ, ସମ୍ବଲପୁର ପକ୍ଷରୁ ଏନ୍ଏସ୍ସିବି କଲେଜ ପରିସରରେ 'ନିଶାମୁକ୍ତ ଯୁବ ଫର୍ ବିକଶିତ ଭାରତ' ସଙ୍କଳ୍ପ ମହାସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍ଏସ୍ଏସ୍, ଏନ୍ସିସି, ମେରା ଯୁବା ଭାରତର ସ୍ୱେଚ୍ଛାସେବୀ ଏବଂ ଏନ୍ଏସ୍ସିବି କଲେଜର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ସୁରେଶ ଏକ୍କା, ମେରା ଯୁବା ଭାରତ, ସମ୍ବଲପୁରର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର, ଏନ୍ଏସ୍ସିବି କଲେଜର ଏକାଡେମୀ ବର୍ସର ହରିହର ମଲ୍ଲିକ, ରାଜଯୋଗ ଓ ଆଧ୍ୟାତ୍ମିକ ନେତ୍ରୀ ବି.କେ. ଦୀପା ଗୁପ୍ତା ଏବଂ ଏନ୍ଏସ୍ସିବି କଲେଜର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲ ପ୍ରମୁଖ ମଂଚାସୀନ ରହି ଯୁବପିଢ଼ିଙ୍କୁ ନିଶାମୁକ୍ତି ଓ ସୁସ୍ଥ ସମାଜ ଗଠନ ନେଇ ବ୍ୟାପକ ସଚେତନ କରାଇଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପାର୍ପଣ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହାପରେ ନିଶା ବିରୋଧୀ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଆକର୍ଷଣ ଥିଲା ନିଶାମୁକ୍ତି ଶପଥ ଗ୍ରହଣ, ସ୍ୱାକ୍ଷର ଅଭିଯାନ, ସଙ୍କଳ୍ପ ଚକ୍ର, ନୁକ୍କଡ଼ ନାଟକ, ଲୋକସଂଗୀତ ଓ ଲୋକନୃତ୍ୟ। ନୁକ୍କଡ଼ ନାଟକ, ଲୋକ ସଂଗୀତ ଓ ଲୋକନୃତ୍ୟ ମାଧ୍ୟମରେ ନିଶାର କୁପ୍ରଭାବ ଏବଂ ଏଥିରୁ ଦୂରେଇ ରହିବାର ଆବଶ୍ୟକତା ସମ୍ପର୍କରେ ଯୁବପିଢ଼ିଙ୍କୁ ଭଲଭାବେ ସଚେତନ କରାଯାଇଥିଲା। ଉପସ୍ଥିତ ଯୁବକ, ଯୁବତୀ ଓ ଛାତ୍ରଛାତ୍ରୀମାନେ ନିଶାମୁକ୍ତ ଭାରତ ଗଠନ ପାଇଁ ଶପଥ ଗ୍ରହଣ କରିବା ସହ ଏକ ସୁସ୍ଥ, ସଚେତନ ଓ ଦାୟିତ୍ୱବାନ ଯୁବସମାଜ ଗଠନରେ ନିଜର ଭୂମିକା ନିର୍ବାହ ପାଇଁ ସଙ୍କଳ୍ପ ନେଇଥିଲେ। "ନିଶାକୁ ନା, ବିକଶିତ ଭାରତକୁ ହଁ" ବାର୍ତ୍ତା ସହ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ନିଶାମୁକ୍ତ ସମାଜ ଗଠନ ଦିଗରେ ଯୁବପିଢ଼ିଙ୍କୁ ଏକତ୍ରିତ କରିବାର ଏହା ଏକ ସଚେତନତା ମୂଳକ ପ୍ରୟାସ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ରୋଜାଲି ସେଠ୍ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିବା ଅତିଥି, ଅଧ୍ୟାପକ, ଅଧ୍ୟାପିକା, ଏନ୍ଏସ୍ଏସ୍, ଏନ୍ସିସି, ମେରା ଯୁବା ଭାରତର ସ୍ୱେଚ୍ଛାସେବୀ ଏବଂ ଛାତ୍ରଛାତ୍ରୀମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଏଥିରେ ଏନ୍ଏସ୍ଏସ୍, ଏନ୍ସିସି, ମେରା ଯୁବା ଭାରତର ସ୍ୱେଚ୍ଛାସେବୀ ଏବଂ ଏନ୍ଏସ୍ସିବି କଲେଜର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

# କୁଲତା ସମାଜ ପକ୍ଷରୁ ରଣେଶ୍ୱର ରାମଚଣ୍ଡୀ ସେବା ସଦନ ଠାରେ ନୂଆଁଖାଇ ଭେଟ୍ଘାଟ




ସମ୍ବଲପୁର,୨୨/୯(ନି/ପ୍ର): କୁଲତା ସମାଜ ଆନୁକୂଲ୍ୟରେ ସମ୍ବଲପୁର ଦାନିପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡୀ ସେବା ସଦନ ପରିସରରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଲତା ସମାଜର ସଭାପତି କୃପାସିନ୍ଧୁ ଖମାରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜର ବରିଷ୍ଠ ସଦସ୍ୟ ଗୋକୁଳ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଠାକୁର ମାଳର ଅଗ୍ରଣୀ ମହିଳା ଚାଷୀ କୁମାରୀ ପ୍ରଧାନଙ୍କୁ 'ଚାଷୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେପରେ କୁଲତା ସମାଜର ଓଏଏସ୍ ପାଇଥିବା ବରଗଡ ଜିଲ୍ଲାର ଜିତାମିତ୍ର ସାହୁ, ଯୁବ ପ୍ରତିଭା ଏବଂ ନିଟ୍ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ସମ୍ବଲପୁରର ସୁକନ୍ୟା ପ୍ରଧାନ ଏବଂ ସୋହେଲା ହୀରାପାଲି ଅଂଚଳର ଅନନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକୃତି ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ପ୍ରଦୀପ ସାହୁ ଏବଂ ଲିଙ୍ଗରାଜ ପ୍ରଧାନଙ୍କୁ 'ପ୍ରକୃତିବନ୍ଧୁ' ଭାବେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କୁଲତା ସମାଜ ପକ୍ଷରୁ ସମ୍ବଲପୁରରେ କରାଯାଉଥିବା ବିଭିନ୍ନ ବିକାଶ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ନୂଆଁଖାଇ କୁଲତା ସମାଜର ପ୍ରମୁଖ ପରମ୍ପରା ହୋଇଥିବା ବକ୍ତା ଜଟା ଭୂଷଣ ସାହୁ କହିଥିଲେ। ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡୀ ମନ୍ଦିରର ପୂଜକ ଦେବୀ ପ୍ରସାଦ ଭୋଇ ପ୍ରାରମ୍ଭରେ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା କରିଥିଲେ, ଏହାସହ ମନ୍ଦିର ଏବଂ ଘରେ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାବିଧୀ ବିଷୟରେ ଅବଗତ କରାଇଥିଲେ। ପୂଜକ ବାସୁଦେବ ଭୋଇ ଏବଂ ସୁଦାମ ପ୍ରଧାନ ମନ୍ଦିରର ଆଳତୀ ପରେ ଘଂଟ ଶଙ୍ଖ ସମସ୍ତ ସଦସ୍ୟଙ୍କ ସହ ମନ୍ଦିରରୁ ଏକ ଧ୍ୱଜା ଆଣି ସଭାମଂଚରେ ଧ୍ୱଜା ସ୍ଥାପନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ କୁଲତା ସମାଜର ସମ୍ପାଦକ ରଞ୍ଜନ ପାତ୍ର ନୂଆଁଖାଇ ଗଣପର୍ବର ଆଦିଅନ୍ତ ଓ ସାଂସ୍କୃତିକ ପରମ୍ପରାର ଅବତାରଣା କରିଥିଲେ। ବିଶେଷ ଭାବରେ କୃଷୀ ହିଁ କୁଲତା ସମାଜର ପରିଚୟ ହୋଇ ରହି ଆସିଥିବା ବେଳେ ଆଗାମୀ ଦିନରେ ବ୍ୟବସାୟ କ୍ଷେତ୍ରରେ ମଧ୍ୟ କୁଲତା ସମାଜର ଦକ୍ଷତା ବୃଦ୍ଧି ସହ ସୁଦୃଢ଼ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆଜିର କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସମାଜର ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭବାନୀଶ ଭୋଇ ପରିଚାଳନା କରିଥିବା ବେଳେ ଶେଷରେ ରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଶ୍ରୀ ଶ୍ରୀ ରଣେଶଶ୍ୱର ରାମଚଣ୍ଡୀଙ୍କ ପ୍ରସାଦ ଗଣ ଭୋଜନ କରାଯିବା ପରେ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଦୀପ ସାହୁ, ପ୍ରିୟଙ୍କା ପ୍ରୀୟଦର୍ଶିନୀ ପ୍ରଧାନ, ଆଲୋକ ସାହୁ, ପରିଚାଳନା କରିଥିଲେ। ଦେବୀ ପ୍ରସାଦ, ପ୍ରିୟଙ୍କା ଏବଂ ମଧୁସୂଦନ ଏକ ଛୋଟ ହାସ୍ୟ ଅଭିନୟ 'ଧାନ କାର୍ଡ' ଉପରେ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ବେଶ୍ ବିମୋହିତ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ଅକ୍ଷୟ ପ୍ରଧାନ, ପ୍ରେମାନନ୍ଦ ସାହୁ, ଟିକେଶ୍ୱର ପ୍ରଧାନ, ଚିନ୍ମୟ ଭୋଇ, ଖୀରୋଦ ପ୍ରଧାନ, ନିର୍ମଲ ପ୍ରଧାନ, ସରୋଜ ପ୍ରଧାନ, ଦେବଦତ ସାହୁ, ହାରାଧନ ପ୍ରଧାନ, ଭକ୍ତବନ୍ଧୁ ପ୍ରଧାନ, ଆନନ୍ଦ ପ୍ରଧାନ, ଅଭିରାମ ଖମାରୀ, ସୁପ୍ରଭା ପ୍ରଧାନ, ଟଙ୍କଧର ବାରିକ, ହୃଷିକେଶ ବଢ଼ାଇ, ଦେବବ୍ରତ ବାରିକ, ପ୍ରମୁଖ କାର୍ଯ୍ୟକ୍ରମ ସହଯୋଗ କରିଥିଲେ। ପୂଜକ ବାସୁଦେବ ଭୋଇ ଏବଂ ସୁଦାମ ପ୍ରଧାନ ମନ୍ଦିରର ଆଳତୀ ପରେ ଘଂଟ ଶଙ୍ଖ ସମସ୍ତ ସଦସ୍ୟଙ୍କ ସହ ମନ୍ଦିରରୁ ଏକ ଧ୍ୱଜା ଆଣି ସଭାମଂଚରେ ଧ୍ୱଜା ସ୍ଥାପନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା।

# ସଶକ୍ତ ଗ୍ରାମ ବିକାଶ କାର୍ଯ୍ୟକ୍ରମରେ ଏକ ଦିବସୀୟ ଦକ୍ଷତା ବୃଦ୍ଧି କର୍ମଶାଳା

ସମ୍ବଲପୁର, ୨୨/୯(ନି/ପ୍ର): ଗ୍ରାମୀଣ ବିକାଶରେ ସ୍ୱଚ୍ଛତା, ଉତରଦାୟିତ୍ୱ ଓ ଜନ ଭାଗୀଦାରିତାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ 'ସଶକ୍ତ ଗ୍ରାମ ବିକାଶ କାର୍ଯ୍ୟକ୍ରମ' ଅଧୀନରେ ସୂଚନା ଅଧିକାର ଆଇନ ୨୦୦୫ ଉପରେ ଏକ ଦିବସୀୟ ଦକ୍ଷତା ବୃଦ୍ଧି କର୍ମଶାଳା ରବିବାର ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଲାଙ୍ଗହାଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଲିନ୍ସି ଫାଉଣ୍ଡେସନ ସହଯୋଗରେ ସମ୍ବଲପୁର ଇ[ଗ୍ରେଟେଡ୍ ଡେଭଲପମେ[ ଇନଷ୍ଟିଚ୍ୟୁଟ୍ (ସିଡ଼ି) ପକ୍ଷରୁ ଏହି ତାଲିମ ଶିବିର ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ଅଂଚଳର ୮ଟି ଗ୍ରାମରୁ ୨୪ ଜଣ ଗ୍ରାମ୍ୟ ଉନ୍ନୟନ କମିଟି ନେତୃବୃନ୍ଦ ଯୋଗ ଦେଇଥିଲେ। ଗ୍ରାମାଂଚଳର ବିକାଶମୂଳକ କାର୍ଯ୍ୟ, ସରକାରୀ ଯୋଜନା ଓ ଜନ କଲ୍ୟାଣମୂଳକ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଓ ଉତରଦାୟିତ୍ୱ ସୁନିଶ୍ଚିତ କରିବା ସହ ତୃଣମୂଳ ସ୍ତରର ନେତୃବୃନ୍ଦଙ୍କୁ ସୂଚନା ଅଧିକାରର ବ୍ୟବହାରିକ ଜ୍ଞାନ ପ୍ରଦାନ କରିବା ଏହି ତାଲିମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଅଧିବେଶନରେ ମୁଖ୍ୟ ତାଲିମଦାତା ଭାବେ ଡା. ରାଜାରାମ ଷଡ଼ଙ୍ଗୀ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ସୂଚନା ଅଧିକାର ଆଇନର ବିଭିନ୍ନ ଦିଗ ସମ୍ପର୍କରେ ବିସ୍ତୃତ ଓ ବ୍ୟବହାରିକ ତାଲିମ ପ୍ରଦାନ କରିଥିଲେ। ପ୍ରତ୍ୟକ୍ଷ ଆଲୋଚନା, ଉଦାହରଣ ଓ ପ୍ରାୟୋଗିକ ଅଭ୍ୟାସ ମାଧ୍ୟମରେ ସୂଚନା ଅଧିକାର ଆଇନ ଆବେଦନ କିପରି ପ୍ରସ୍ତୁତ ଓ ଦାଖଲ କରାଯିବ, ଆବେଦନ ଶୁଳ୍କ, ଜନସୂଚନା ଅଧିକାରୀ (ପିଆଇଓ)ଙ୍କ ଭୂମିକା ଓ ଦାୟିତ୍ୱ, ସୂଚନା ପ୍ରଦାନର ନିର୍ଦ୍ଧାରିତ ସମୟସୀମା ଏବଂ ପ୍ରଥମ ଓ ଦ୍ୱିତୀୟ ଅପିଲ୍ ପ୍ରକ୍ରିୟା ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଡା. ଷଡ଼ଙ୍ଗୀ କହିଥିଲେ ଯେ, ସୂଚନା ଅଧିକାର କେବଳ ତଥ୍ୟ ପାଇବାର ଏକ ଆଇନଗତ ମାଧ୍ୟମ ନୁହେଁ, ବରଂ ଏହା ତୃଣମୂଳ ସ୍ତରରେ ସ୍ୱଚ୍ଛତା, ଜନଉତରଦାୟିତ୍ୱ ଓ ସାମାଜିକ ନିରୀକ୍ଷଣକୁ ସୁଦୃଢ଼ କରିବାର ଏକ ପ୍ରଭାବଶାଳୀ ଉପକରଣ। ସରକାରୀ ପାଣ୍ଠିର ସଦୁପଯୋଗ ତଦାରଖ, ବିଭିନ୍ନ ଗ୍ରାମୀଣ କଲ୍ୟାଣ ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ନଜର ଏବଂ ସ୍ଥାନୀୟ ପ୍ରଶାସନିକ ସଂସ୍ଥାଗୁଡ଼ିକର ଉତରଦାୟିତ୍ୱ ନିଶ୍ଚିତ କରିବାରେ ସୂଚନା ଅଧିକାରର ଗୁରୁତ୍ୱ ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ଭିଡିସି ନେତୃବୃନ୍ଦଙ୍କୁ ନିଜ ନିଜ ଗ୍ରାମର ସମସ୍ୟା ସହ ସମ୍ପୃକ୍ତ ସୂଚନା କିପରି ଆଇନସମ୍ମତ ଭାବେ ମାଗିହେବ ଏବଂ ମିଳୁଥିବା ସରକାରୀ ତଥ୍ୟକୁ ଗ୍ରାମର ସାମୂହିକ ବିକାଶରେ କିପରି ବ୍ୟବହାର କରାଯାଇପାରିବ, ସେ ସମ୍ପର୍କରେ ମଧ୍ୟ ଦିଗ୍ଦର୍ଶନ ଦିଆଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ସିଡ଼ି -ଏଭିଡିପି ପ୍ରକଳ୍ପର ସବଜେକ୍ଟ ମ୍ୟାଟର ସ୍ପେଶାଲିଷ୍ଟ ଦୀପକ କୁମାର ନାୟକ ସଂଯୋଜନା କରିଥିଲେ। ଆୟୋଜକମାନଙ୍କ ମତରେ, ଏହି ତାଲିମ ମାଧ୍ୟମରେ ପ୍ରସ୍ତୁତ ଗ୍ରାମ୍ୟ ନେତୃବୃନ୍ଦ ନିଜ ନିଜ ଅଂଚଳରେ ସୂଚନା ସହାୟକ ଭାବେ କାର୍ଯ୍ୟ କରିବା ସହ ଗ୍ରାମବାସୀଙ୍କୁ ସରକାରୀ ତଥ୍ୟ ଓ ଅଧିକାର ସମ୍ପର୍କରେ ସଚେତନ କରିବେ। ଏହା ଫଳରେ ଗ୍ରାମୀଣ ଶାସନ ବ୍ୟବସ୍ଥାରେ ଜନସାଧାରଣଙ୍କ ଅଂଶଗ୍ରହଣ ଓ ସାମାଜିକ ଉତରଦାୟିତ୍ୱ ଅଧିକ ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ ପାଇଛି।

# ଅମୀର ଖୁସ୍ରୁ ଫାଉଣ୍ଡେସନ ପକ୍ଷରୁ ନୂଆଁଖାଇ ଭେଟଘାଟ୍

ସମ୍ବଲପୁର,୨୨/୯(ନି/ପ୍ର): ସମ୍ବଲପୁର ସ୍ଥିତ ସାମ୍ବାଦିକ ଭବନ ଠାରେ ଆଜି ସନ୍ଧ୍ୟାରେ ଅମୀର ଖୁସ୍ରୁ ଫାଉଣ୍ଡେସନ ପକ୍ଷରୁ ମହାସମାରୋହରେ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସଭାପତି ନାସିର ଫରହଜ୍ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆଇନଜୀବୀ ସୁରେଶ୍ୱର ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ଅନୁଷ୍ଠାନର ଆବାହକ ସୂର୍ଯ୍ୟ ପାଣିଗ୍ରାହୀ, ଉପସଭାପତି ଅକମଲ ଖାନ୍, ଯୁଗ୍ମ ସମ୍ପାଦକ ତ୍ରିଲୋଚନ ତ୍ରିପାଠୀ ଓ ଜୟକୃଷ୍ଣ ବେହେରା ପ୍ରମୁଖ ମଂଚାସୀନ ରହିଥିଲେ। ପ୍ରାରମ୍ଭରେ ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଯୁଗ୍ମ ସମ୍ପାଦକ ଶ୍ରୀ ତ୍ରିପାଠୀ ମା'ଙ୍କ ଉଦ୍ଦେଶ୍ୟରେ ଏକ ଭକ୍ତିପୂର୍ଣ୍ଣ ସଂଗୀତ ପରିବେଷଣ କରିଥିଲେ। ଆବାହକ ଶ୍ରୀ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେବା ସହ ଗଣପର୍ବ ନୂଆଁଖାଇର ମହତ୍ୱ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଉପସଭାପତି ଆକମଲ ଖାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ସାହୁ ଆଜିର ଦିନରେ ନୂଆଁଖାଇର ସ୍ୱରୂପ ଭିନ୍ନ ଓ ସୁଦୂର ପ୍ରସାରି ହୋଇଗଲାଣି ବୋଲି କହିଥିଲେ। ସଭାପତି ନାସିର ଫରହଜ୍ ତାଙ୍କ ବକ୍ତବ୍ୟରେ ଏହି ମାଟିର ପର୍ବ ନୂଆଁଖାଇ, ଯାହା ସାରା ଦେଶରେ ଏକ ଭିନ୍ନ ପରିଚୟ ହାସଲ କରିପାରିଥିବା ପ୍ରକାଶ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ କବୟିତ୍ରୀ ପଙ୍କଜିନୀ ନାୟକ ଓ ସୁଷମା ପ୍ରଧାନଙ୍କ ସଂଯୋଜନାରେ ଏକ ସ୍ମୃତିମଧୁର ସମ୍ବଲପୁରୀ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁଣରଞ୍ଜନ ସାଲିମା, ସବିତା ମିଶ୍ର, ତପସ୍ୱିନୀ ନେପାକ, ଲକ୍ଷ୍ମୀ ନାରାୟଣ ପଣ୍ଡା, ଲଳିତ ମୋହନ ବେବର୍ତ୍ତା, ଡ଼. ଅନୁପମା ବିଶ୍ୱାଳ, କାହ୍ନୁ କେଶବ ବହିଦାର, ସିଦ୍ଧି ସ୍ୱରୂପା ପାଢ଼ୀ, କମଲ ଲୋଚନ ପଣ୍ଡା, ମମତା ନାଥ, ତରିଣୀକାନ୍ତ ଡନସେନା, ଅଳକା ମହାପାତ୍ର, ଡାକ୍ତର ରାଜାରାମ ଷଡ଼ଙ୍ଗୀ, ସୁପ୍ରିୟା ଦାସ, ପ୍ରଭଞ୍ଜନ ପୁରୋହିତ, ବିରଜା ମୋହିନୀ ତ୍ରିପାଠୀ, କଳ୍ପନା ମହାପାତ୍ର ପ୍ରମୁଖ ସ୍ୱରଚିତ ଓ ଭାବଗର୍ଭକ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସୌମିକ ବାବୁ, ମନୋଜ ପଣ୍ଡା ପ୍ରମୁଖ ପରିଚାଳନା କରିଥିବାବେଳେ ଶେଷରେ ଅନୁଷ୍ଠାନର ବରିଷ୍ଠ ସଭ୍ୟ ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ରୋଟାରୀ କ୍ଲବର ନୂଆଁଖାଇ ଭେଟଘାଟ : ସମ୍ବଲପୁରୀ ନାଚ୍-ଗୀତ ରେ ଜମିଲା ଆସର




ସମ୍ବଲପୁର,୨୨/୯(ନି/ପ୍ର): ନୂଆଁ ଅନ୍ନ, ନୂଆଁ ଆଶା ଓ ଭାଇଚାରାର ପର୍ବ ନୂଆଁଖାଇ। ପଶ୍ଚିମ ଓଡ଼ିଶାର ଏହି ଗଣପର୍ବ ୧୫ ତାରିଖ ରେ ପାଳିତ ହୋଇ ଥିବାବେଳେ ରବିବାର ହୀରାକୁଦ କଲୋନୀ ସ୍ଥିତ ରୋଟାରୀ କ୍ଲବ ସମ୍ବଲପୁର ପକ୍ଷରୁ ଆୟୋଜିତ ହୋଇ ଥିଲା ନୂଆଁଖାଇ ଭେଟଘାଟ। କ୍ଲବ ସଦସ୍ୟ ସଦସ୍ୟା ଓ ନିମନ୍ତ୍ରିତ ଗଣ୍ୟ ମାନ୍ୟ ଅତିଥିଙ୍କ ଉପସ୍ଥିତିରେ ଭେଟ ଘାଟର ଆସର ବେଶ୍ ଜମିଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁରୀ ଲୋକଗୀତ, ନାଚ ଓ ପାରମ୍ପରିକ ବାଦ୍ୟର ତାଳେ ତାଳେ ଭେଟଘାଟ ପରିବେଶ ଉତ୍ସବ ମୁଖର ହୋଇ ଉଠିଥିଲା। ସଦସ୍ୟ ସଦସ୍ୟା ମାନେ ପରସ୍ପରକୁ ନୂଆଁଖାଇ ଜୁହାର ଜଣାଇ ନୂଆଁଖାଇର ଭାଇଚାରା ଓ ଆତ୍ମୀୟତାର ବାର୍ତ୍ତା ବାଟିଂ ଥିଲେ। ଏହି ଅବସରରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ପାରମ୍ପରିକ ଓ ସୁସ୍ୱାଦୁ ବ୍ୟଞ୍ଜନର ବ୍ୟବସ୍ଥା ହୋଇଥିଲା। ମାଟିର ମହକ, ଲୋକ ସଂସ୍କୃତିର ରଙ୍ଗ ଓ ନୂଆଁଖାଇର ଆତ୍ମୀୟତା ରେ ରୋଟାରୀ କ୍ଲବ ପରିସର ହୋଇ ଉଠିଥିଲା ଚଳଚଂଚଳ। କ୍ଲବ ସଭାପତି ଚିନ୍ମୟ ଶତପଥୀ, ସମ୍ପାଦକ ସୁକାନ୍ତ ମେହେର, ଉପସଭାପତି ସୁଶାନ୍ତ ମହାପାତ୍ର, ପ୍ରକଳ୍ପ ଅଧ୍ୟକ୍ଷ ସୁଜିତ ପାଣିଗ୍ରାହୀ, ପୂର୍ବତନ ସଭାପତି ରାଜକିଶୋର ଦାସ, ପ୍ରବୀଣ ସୁରୀ ଓ ଦାମୋଦର କରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ନୂଆଁଖାଇର ମୂଳମନ୍ତ୍ର 'ଭେଟ୍ଘାଟ୍ ଆର ଭାଇଚାରା'କୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମ ପଶ୍ଚିମ ଓଡ଼ିଶାର ଲୋକ ପରମ୍ପରା, ସଂସ୍କୃତି ଓ ସାମାଜିକ ଏକତାର ଏକ ସୁନ୍ଦର ଝଲକ ପ୍ରଦାନ କରିଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁରୀ ଲୋକଗୀତ, ନାଚ ଓ ପାରମ୍ପରିକ ବାଦ୍ୟର ତାଳେ ତାଳେ ଭେଟଘାଟ ପରିବେଶ ଉତ୍ସବ ମୁଖର ହୋଇ ଉଠିଥିଲା।

# କିର୍ମିରା ମହାବିଦ୍ୟାଳୟରେ ସାଇବର ସୁରକ୍ଷା ଅଭିଯାନ-୨୦୨୬

ଝାରସୁଗୁଡ଼ା,୨୨/୯(ନି/ପ୍ର):କିର୍ମିରା ମହାବିଦ୍ୟାଳୟ ପରିସରରେ ଜିଲ୍ଲା ପୋଲିସ ପ୍ରଶାସନ ତରଫରୁ 'ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା-୨୦୨୬' କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଭାକୁ ସମ୍ବୋଧିତ କରି ମାନ୍ୟବର ବିଧାୟକ ତ୍ରିପାଠୀ କହିଥିଲେ ଯେ, ଆଜିର ଡିଜିଟାଲ୍ ଯୁଗରେ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ ରହିବା ଅତ୍ୟନ୍ତ ଜରୁରୀ। ଏହି ଅଭିଯାନ କିର୍ମିରା ଅଂଚଳବାସୀଙ୍କ ଦୈନନ୍ଦିନ ଡିଜିଟାଲ୍ ଜୀବନଶୈଳୀକୁ ସହଜ, ସରଳ ତଥା ନିରାପଦ କରିବାରେ ବେଶ୍ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିବା ସହ ପ୍ରଶାସନର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଝାରସୁଗୁଡ଼ା ଏସ୍.ପି. ରାଘବେନ୍ଦ୍ର ରେଡ୍ଡୀ ଯୋଗଦେଇ ବର୍ତ୍ତମାନ ସମୟରେ ବୃଦ୍ଧି ପାଉଥିବା ବିଭିନ୍ନ ସାଇବର ଅପରାଧ, ଅନଲାଇନ୍ ଠକେଇରୁ ରକ୍ଷା ପାଇବାର ଉପାୟ ଏବଂ ଡିଜିଟାଲ୍ ମାଧ୍ୟମଗୁଡ଼ିକର ସୁରକ୍ଷିତ ଓ ସତର୍କତାପୂର୍ଣ୍ଣ ବ୍ୟବହାର ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ ତଥା ସାଧାରଣ ଲୋକଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। ସାଇବର ଠକେଇର ଶିକାର ହେଲେ ତୁରନ୍ତ ସାଇବର ହେଲ୍ପଲାଇନ ନମ୍ବର ୧୯୩୦ ରେ ଯୋଗାଯୋଗ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଆଜିର ଡିଜିଟାଲ୍ ଯୁଗରେ ସାଇବର ସୁରକ୍ଷା କେବଳ କାହାର ବ୍ୟକ୍ତିଗତ ଦାୟିତ୍ୱ ନୁହେଁ, ବରଂ ଏହା ଆମ ସମସ୍ତଙ୍କ ସାମୂହିକ ସଚେତନତାର ବିଷୟ। ସତର୍କତା, ସଚେତନତା ଓ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ୍ ବ୍ୟବହାର ମାଧ୍ୟମରେ ଏକ ସୁରକ୍ଷିତ, ସଶକ୍ତ ଓ ସାଇବର ସଚେତନ ଝାରସୁଗୁଡ଼ା ତଥା ଓଡ଼ିଶା ଗଠନ କରିବାକୁ ଏହି କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଜିଲ୍ଲା ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଯାତ୍ରୀ ସେବା ଅଭିଯାନର ଚତୁର୍ଥ ଦିବସରେ ସଫେଇ ଓ ଆସନ ବ୍ୟବସ୍ଥା ଯାଂଚ

ଝାରସୁଗୁଡ଼ା, ୨୨/୯(ନି/ପ୍ର): ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଚାଲିଥିବା ଯାତ୍ରୀ ସେବା ଅଭିଯାନ-୨୦୨୬ର ଚତୁର୍ଥ ଦିବସ ରବିବାର ପାଳିତ ହୋଇଛି। ବିମାନବନ୍ଦରର ଭାରପ୍ରାପ୍ତ ନିର୍ଦ୍ଦେଶକ ଉପେନ୍ଦ୍ରନାଥ ଧଣ୍ଡିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସହ ସଫେଇ ଅଭିଯାନ ଆୟୋଜିତ ହୋଇଥିଲା। ଯାତ୍ରୀଙ୍କୁ ପର୍ଯ୍ୟାପ୍ତ, ଆରାମଦାୟକ ଓ ସୁରକ୍ଷିତ ବସିବା ସୁବିଧା ଯୋଗାଇଦେବା ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ ଥିଲା। ଏହି କ୍ରମରେ ବିମାନବନ୍ଦର ଟିମ୍ ପକ୍ଷରୁ ବିଭିନ୍ନ ଯାତ୍ରୀ ପ୍ରତୀକ୍ଷାଳୟରେ ଥିବା ଚେୟାରଗୁଡ଼ିକର ସ୍ଥିତି ଯାଂଚ କରାଯାଇଥିଲା। ଭଙ୍ଗା କିମ୍ବା ନଷ୍ଟ ହୋଇଥିବା ଚେୟାର ଚିହ୍ନଟ କରାଯାଇ ତୁରନ୍ତ ମରାମତି କିମ୍ବା ବଦଳାଇବା ପାଇଁ ପଦକ୍ଷେପ ନିଆଯାଇଥିଲା।




# ଏସପିସିବି ପକ୍ଷରୁ ବିଶ୍ୱ ଓଜୋନ ଦିବସ ୨୦୨୬ ପାଳିତ

## ନୂତନ ଟେକନୋଲୋଜି ଆପଣାଇବା ସହ ଓଡ଼ିଏସ ହ୍ରାସ ପାଇଁ ଆହ୍ୱାନ



ରାଉରକେଲା,୨୨/୯(ନି/ପ୍ର): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲା ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ ଆରଏସପି ସ୍ଥିତ ସିପିଟିଆଇ ଅଡିଟୋରିୟମରେ 'ଶୀତଳ ପୃଥିବୀ ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପ' ଥିମ୍ ରେ ବିଶ୍ୱ ଓଜୋନ ଦିବସ ୨୦୨୬ ଆଜି ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ତଥା ରାଉରକେଲା ଆଂଚଳିକ ଅଧିକାରୀ ଡକ୍ଟର ଅନୁପ କୁମାର ମଲ୍ଲିକ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସେ ପୃଥିବୀ ପୃଷ୍ଠର ଉତାପ ବୃଦ୍ଧି, ଓଜୋନ ସ୍ତର ପ୍ରଭାବିତ ହେବା, ଜଳବାୟୁ ପରିବର୍ତ୍ତନର ପ୍ରଭାବ ପ୍ରଭୃତି ନେଇ ଉଦବେଗ ପ୍ରକାଶ କରିଥିଲେ । ଶୀତଳ ପୃଥିବୀ ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ଜରୁରୀ ବୋଲି ସେ କହିଥିଲେ । ଏଦିଗରେ ବିଭାଗ ପକ୍ଷରୁ ସିଏନଏଫ ହ୍ରାସ ଓ ବିକଳ୍ପ ବ୍ୟବସ୍ଥା ସହ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଆରଏସପି, ସେଲ୍, ରାଉରକେଲାର ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ପ୍ରମୋଦ ଚନ୍ଦ୍ର ଦାଶ ଶୀତଳ ପୃଥିବୀ ପାଇଁ ସବୁଜ ଇସ୍ପାତ ଉତ୍ପାଦନ ବିଷୟରେ ଆଲୋଚନା କରିଥିଲେ । ଜେଏସଡବ୍ଲୁ ଷ୍ଟିଲ ଲିମିଟେଡ (ଓଡିଶା ମାଇନିଂ ଡିଭିଜନ), ବଡବିଲର ଉପାଧ୍ୟକ୍ଷ ତଥା ମୁଖ୍ୟ-ପରିବେଶ ଶ୍ରୀ ସୁରେଶ ମହାପାତ୍ର 'ଲୁହାପଥର ଖଣି ଓ ପରିଷ୍କରଣରେ ପରିବେଶ ଅନୁକୂଳ ପଦ୍ଧତି' ଉପରେ ଆଲୋକପାତ କରିଥିଲେ । ଏନଆଇଟି, ରାଉରକେଲାର ଖଣି ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଡକ୍ଟର ଏଚ. ବି. ସାହୁ 'ଶୀତଳ ପୃଥିବୀ ପାଇଁ ଖଣି : ଜଳବାୟୁ କାର୍ଯ୍ୟାନୁଷ୍ଠାନ ପାଇଁ ପରିବେଶ ପରିଚାଳନା ଓ ସ୍ଥାୟୀ ଖଣି କାର୍ଯ୍ୟ' ବିଷୟରେ ବକ୍ତବ୍ୟ ଦେଇଥିଲେ । ଆଂଚଳିକ ପରିବହନ ଅଧିକାରୀ, ରାଉରକେଲା ଶ୍ରୀମତୀ ସୁସ୍ମିତା ବେହେରା 'ସ୍ଥାୟୀ ପରିବହନ ଓ ଯାନବାହନ ଧୂଆଁ ହ୍ରାସ' ବିଷୟରେ ନିଜର ମତ ରଖିଥିଲେ । ଏହାପରେ ଅତିଥିମାନଙ୍କୁ ସ୍ମାରକୀ ଏବଂ କପଡା ବ୍ୟାଗ ପ୍ରଦାନ କରାଯାଇଥିଲା । ଇଂରାଜୀ ଓ ହିନ୍ଦୀରେ ମିଶନ ଲାଇଫ ଶପଥ ପାଠ କରାଯାଇଥିଲା । ପରେ 'ଆମ ଖାଦ୍ୟ ଆମ ସଂସ୍କୃତି' ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଉପ ପରିବେଶ ଯନ୍ତ୍ରୀ ଇଂ ବିଜୟ କୁମାର ଭୋଇ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଶେଷରେ ଉପ ପରିବେଶ ଯନ୍ତ୍ରୀ ଇଂ.ରମଣୀ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଉପ ପରିବେଶ ଯନ୍ତ୍ରୀ ଇଂ ଚନ୍ଦ୍ର ଶେଖର ଚୌହାନ, ଇଂ ରଜତ କୁମାର ସେଠୀ, ଓଏସଡି ବି ବି ମହନ୍ତ, ସହକାରୀ ପରିବେଶ ବୈଜ୍ଞାନିକ ପ୍ରଜ୍ଞା ଜ୍ୟୋତି ସେନାପତିଙ୍କ ସମେତ ସମସ୍ତ ଷ୍ଟାଫ ସହଯୋଗ କରିଥିଲେ । ଏଦିଗରେ ବିଭାଗ ପକ୍ଷରୁ ସିଏନଏଫ ହ୍ରାସ ଓ ବିକଳ୍ପ ବ୍ୟବସ୍ଥା ସହ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

# ଜର୍ଜ ତିର୍କୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

## ଅଭିମାନୀ, ସ୍ୱାଭିମାନୀ, ପ୍ରତିବଦ୍ଧତା ସ୍ୱରୂପ ନେତା ଥିଲେ ଜର୍ଜ ତିର୍କୀ



ରାଉରକେଲା,୨୨/୯(ନି/ପ୍ର): ସୁନ୍ଦରଗଡ ଜିଲ୍ଲାର ଜଣେ ଟାଣୁଆ,ଲଢୁଆ ତଥା ବିରମିତ୍ରପୁରର ପ୍ରାକ୍ତନ ବିଧାୟକ ଜର୍ଜ ତିର୍କୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ରେ ଜିଲ୍ଲା । ତଥା ରାଜ୍ୟର ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ପ୍ରଶାସନିକ ଅଧିକାରୀ ଓ ଜନସାଧାରଣ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କର ସ୍ମୃତି ଚାରଣ କରିଥିଲେ । ପ୍ରଶାନ୍ତ ଚନ୍ଦ୍ର ଅମାତ୍ଙ୍କ ସଂଯୋଜନା ଓ ଜର୍ଜଙ୍କ ପୁତ୍ର ତଥା ବିରମିତ୍ରପୁର ବିଧାୟକ ରୋହିତ ଯୋଶେଫ୍ ତିର୍କିଙ୍କ ଆବାହକତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଜେଡିର ବରିଷ୍ଠ ନେତା ଦେବୀ ମିଶ୍ର, ନବରଙ୍ଗପୁରର ପ୍ରାକ୍ତନ ସାଂସଦ ପ୍ରଦୀପ ମାଝୀ, ଜିଲ୍ଲା ବିଜେଡ଼ି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ରଘୁନାଥପାଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ସମେତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ପଶ୍ଚିମାଂଚଳ ଡିଆଇଜି ବ୍ରିଜେଶ ରାୟ, ଶ୍ରମିକନେତା ଗୋପାଳ ଦାସ, ଶଶଧର ନାୟକ, କଂଗ୍ରେସ ନେତା ଜ୍ଞାନେନ୍ଦ୍ର ଦାଶ,ହାଲୁ ମୁଣ୍ଡାରୀ, ନିହାର ରାୟ,ସୁବ୍ରତ ତରାଇ, ବିରେନ୍ ସେନାପତି,ସୁଦାମ ଦାଶ, ଜୟନ୍ତ ମିଶ୍ର, ପ୍ରଶାନ୍ତ ସେଠୀ, ନିହାର ସୁରିନ, ବେନଡିକ୍ଟ ତିର୍କି,ଡ଼ଃ ସୁମନ ଦତ, ଅନୀଲ ବରୁଓ୍ୱ ।, ମନୋରଞ୍ଜନ ଦାଶ ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ତିର୍କୀଙ୍କ ଜୀବନାଦର୍ଶ, ରାଜନୈତିକ ତଥା ସଂଘର୍ଷମୟ ଜୀବନ, ଶ୍ରମିକ ଓ ଆଦିବାସୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ଉପରେ ବକ୍ତବ୍ୟ ରଖିଥିଲେ । ପ୍ରାକ୍ତନ ସାଂସଦ ଶ୍ରୀ ମାଝୀ ତାଙ୍କ ବକ୍ତବ୍ୟରେ ଜର୍ଜଙ୍କୁ ଅଭିମାନୀ, ସ୍ୱାଭିମାନୀ, ତଥା ଆଦିବାସୀମାନଙ୍କ ପାଇଁ ନିଃସ୍ୱାର୍ଥପର,ପ୍ରତିବଦ୍ଧତାର ସ୍ୱର ଥିଲେ ବୋଲି ମତ ରଖିଥିଲା ବେଳେ ଜିଲ୍ଲା ସଭାପତି ଶ୍ରୀ ତ୍ରିପାଠୀ ତାଙ୍କୁ ଏକ ବ୍ରାଣ୍ଡ ଭାବେ ଅବହିତ କରି ତାଙ୍କ ଜୀବନୀ ନେଇ ଏକ ପୁସ୍ତକ ରଚନା କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟ ଅତିଥି ମାନେ ସେମାନଙ୍କ ବକ୍ତବ୍ୟରେ କହିଲେ ଯେ ଜର୍ଜ ତିର୍କୀ କହିଲେ ଏକ ଆନ୍ଦୋଳନ କୁ ବୁଝାଏ । ତାଙ୍କର ରାଜନୈତିକ ଓ ସମାଜସେବା ଜୀବନ ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# କମଣ୍ଡ ଷ୍ଟିଲ୍ ପ୍ଲାଟଂ ଦୁର୍ଘଟଣା, ସୁସ୍ଥ ହୋଇ କାର୍ଯ୍ୟକ୍ଷେତ୍ରକୁ ଫେରିଲେ ସମସ୍ତ ଆହତ ଶ୍ରମିକ

କୋଇଡା,୨୨/୯(ନି/ପ୍ର): କୋଇଡା ଖଣି ମଣ୍ଡଳ ଅଧୀନ ରୁଙ୍ଗଟା ମାଇନ୍ସ ଲିମିଟେଡ୍ର କମଣ୍ଡ ଷ୍ଟିଲ୍ ପ୍ଲାଟଂରେ ସେପଟ୍ଟେମ୍ବର ୧୨ ତାରିଖ ସକାଳେ ଘଟିଥିବା ବିସ୍ଫୋରଣ ଘଟଣାକୁ ନେଇ ପ୍ରଶାସନିକ ତଦନ୍ତ ଶେଷ ହୋଇଛି । ନିର୍ଦ୍ଦେଶ କ୍ରମେ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ଅଧିକାରୀମାନେ ଘଟଣାସ୍ଥଳରେ ଦୀର୍ଘ ସମୟ ଧରି ତଦନ୍ତ କରି ରିପୋର୍ଟ ଜିଲ୍ଲାପାଳ ଓ କୋର୍ଟକୁ ପଠାଇଥିବା ଜଣାପଡ଼ିଛି । ସେପଟ୍ଟେମ୍ବର ୧୨ ତାରିଖ ସକାଳ ପ୍ରାୟ ୯ ଟା ୫୦ରେ ଏସ୍ଏମ୍ଏସ୍ ସ୍ଲାଗ୍ ପିଟ୍ ନିକଟରେ ହଠାତ୍ ବିସ୍ଫୋରଣ ଘଟିଥିଲା । ଘଟଣା ସମୟରେ କ୍ରେନ୍ ଦ୍ୱାରା ଚଳାଚଳ କରୁଥିବା ଲାଡେଲ୍ ବକେଟ୍ଟି କ୍ରେନ୍ ମୋଡ଼ି ଯିବାରୁ ତଳେ ସ୍ଥଳଭାଗ ଛୁଇଁଥିଲା ଏବଂ ଏଥିରେ ଥିବା ତରଳ ଲୁହା ତଳେ ଜମିଥିବା ପାଣି ଅଂଶ ସଂସ୍ପର୍ଶରେ ଆସିବା ପରେ ତୀବ୍ର ପ୍ରତିକ୍ରିୟା( ବିସ୍ଫୋରଣ) ଘଟିଥିବା ପ୍ରାଥମିକ ତଥ୍ୟରୁ ଜଣାପଡ଼ିଥିଲା । ଏହାର ପ୍ରଭାବରେ ଧୂଆଁ ଓ ଗରମ ତରଳ ପଦାର୍ଥର ଛିଟିକା ଚାରିଆଡ଼େ ପଡ଼ିଥିଲା । ନିକଟରେ କାର୍ଯ୍ୟରତ ଥିବା ୬ ଜଣ ଶ୍ରମିକ ଆହତ ହୋଇଥିଲେ । ସେମାନଙ୍କୁ ତୁରନ୍ତ ପ୍ଲାଟଂ ଚିକିତ୍ସାକେନ୍ଦ୍ରକୁ ନିଆଯାଇଥିଲା । ଭୟରେ ଦୌଡିବା କାରଣରୁ ୪ ଜଣ ସାମାନ୍ୟ ଆହତ ହୋଇଥିବା ବେଳେ ୨ ଜଣଙ୍କ ହାତ ଓ ମୁଣ୍ଡରେ ପୋଡ଼ା ଆଘାତ ଲାଗିଥିବା ସୂଚନା ମିଳିଥିଲା । ଘଟଣା ପରେ ସୁରକ୍ଷା ଦୃଷ୍ଟିରୁ ଦୁର୍ଘଟଣାସ୍ଥଳକୁ ସିଲ୍ କରାଯାଇଥିଲା । ଏପଟେ ଘଟଣାର ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା ସହ ମୃତାହତଙ୍କ ସଂଖ୍ୟାକୁ ନେଇ ବିଭିନ୍ନ ଗୁଜବ ମଧ୍ୟ ପ୍ରଚାରିତ ହୋଇଥିଲା । ଏପରିକି ୪୦ରୁ ୫୦ ଏବଂ ୧୦୦ରୁ ଅଧିକ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଭଳି ଦାବି ମଧ୍ୟ ଚାଲିଥିଲା । ଖବର ପାଇ କୋଇଡା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ଘଟଣାସ୍ଥଳରେ ପହଚିଂ ଯାଂଚ କରିଥିଲେ । ତେବେ ଘଟଣାସ୍ଥଳରେ ଆହତ ଶ୍ରମିକଙ୍କ ବ୍ୟତୀତ ଅନ୍ୟ କୌଣସି ମୃତାହତଙ୍କ ସୂଚନା ମିଳିନଥିଲା ବୋଲି ପ୍ରକାଶ କରିଥିଲେ । ଘଟଣା ସମ୍ପର୍କରେ ପ୍ଲାଟଂ କର୍ତୃପକ୍ଷ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟକୁ ଅବଗତ କରିବା ପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା । ସେପଟ୍ଟେମ୍ବର ୧୩ ତାରିଖରେ ରାଉରକେଲାସ୍ଥିତ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଶୁଭେନ୍ଦୁ ରାଉତଙ୍କ ସମେତ କୋଇଡା ଓ ଗୁରୁଣ୍ଡିଆ ଶ୍ରମ ବିଭାଗର ଅଧିକାରୀମାନେ ପ୍ଲାଟଂରେ ପହଚିଂ ଥିଲେ । ଅଧିକାରୀମାନେ ପ୍ରାୟ ୧୧ ଘଟାଂ ଧରି ଘଟଣାସ୍ଥଳରେ ରହି ଯନ୍ତ୍ରପାତିର ସ୍ଥିତି, ଦୁର୍ଘଟଣାର ପରିସ୍ଥିତି, ସୁରକ୍ଷା ବ୍ୟବସ୍ଥା ଏବଂ ଘଟଣା ସମୟରେ ଉପସ୍ଥିତ ଶ୍ରମିକମାନଙ୍କ ଓ ଆହତଙ୍କ ଠାରୁ ତଥ୍ୟ ସଂଗ୍ରହ କରିଥିଲେ । ଆହତ ଶ୍ରମିକଙ୍କ ସମେତ ଅନ୍ୟ ଶ୍ରମିକଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଥିଲା । ତଦନ୍ତ ପରେ ଅଧିକାରୀମାନେ ରିପୋର୍ଟ ଉଚ୍ଚ କର୍ତୃପକ୍ଷଙ୍କ ନିକଟକୁ ପଠାଇଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଆହତ ହୋଇଥିବା ସମସ୍ତ ୬ ଜଣ ଶ୍ରମିକ ଚିକିତ୍ସା ପରେ ସୁସ୍ଥ ହୋଇ ପୁଣି କାର୍ଯ୍ୟକ୍ଷେତ୍ରକୁ ଫେରିଥିବା ଜଣାପଡ଼ିଛି । ଘଟଣାକୁ ନେଇ ମୃତ୍ୟୁ ସଂଖ୍ୟା ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ଅପ୍ରମାଣିତ ତଥ୍ୟକୁ ବିଶ୍ୱାସ ନକରିବାକୁ ପ୍ରଶାସନ ପକ୍ଷରୁ ମଧ୍ୟ ଲୋକଙ୍କୁ ସଚେତନ କରାଯାଇଥିବା ସୂଚନା ମିଳିଛି । ଏ ନେଇ ବିଭାଗୀୟ



ପ୍ରତିକ୍ରିୟା : ଇଂ ଶୁଭେନ୍ଦୁ ରାଉତ ( ଅତିରିକ୍ତ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ, ରାଉରକେଲା): ୧୩ ସେପଟ୍ଟେମ୍ବର ଆମେ ତଦନ୍ତ ପାଇଁ ଯାଇ ସମସ୍ତ ଦିଗରୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲୁ ଏବଂ ଆହତ ଓ ଅନ୍ୟ ଶ୍ରମିକଙ୍କ ବୟାନ ରେକର୍ଡ କରାଯାଇ ରିପୋର୍ଟ ପଠାଇଛୁ । ଘଟଣା ରେ କେହିବି ମୃତାହତ ହୋଇ ନାହାନ୍ତି ଏବଂ ଦୁର୍ଘଟଣା ରେ ଯେଉଁମାନେ ଆହତ ହେଲେ ସେମାନେ ସାମାନ୍ୟ ଆହତ ଥିଲେ ଓ ଚିକିତ୍ସା ପରେ କାର୍ଯ୍ୟକ୍ଷେତ୍ରକୁ ଯୋଗଦେଲେଣି । ପ୍ରକଳ୍ପ କର୍ତୃପକ୍ଷଙ୍କୁ ସୁରକ୍ଷା ଦୃଷ୍ଟିରୁ ଉନ୍ନତି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଫରନେନ୍ସ ନୁହେଁ ଲାଡେଲ୍ ପଡିଥିଲା ଓ ଏହା ତଳେ କି ଆଖପାଖରେ କେହି ଶ୍ରମିକ ରୁହନ୍ତି ନାହିଁ । ଲାଡେଲ୍ ଓ ଜଳୀୟ ସଂସ୍ପର୍ଶରେ ବିସ୍ଫୋରଣ ହେବା ସ୍ୱାଭାବିକ । ମୃତାହତ ଗୁଜବ ସମ୍ପୁର୍ଣ୍ଣ ମିଛ । ପଦ୍ମାବତୀ ମାରାଣ୍ଡି ( ଜିଲ୍ଲା ଶ୍ରମ ଅଧିକାରୀ, ରାଉରକେଲା ) : ନିର୍ଦ୍ଦେଶ କ୍ରମେ ସମସ୍ତ ଦିଗରୁ ତଦନ୍ତ ହୋଇଥିଲା , ସାମାନ୍ୟ ଆହତ ଶ୍ରମିକ ସୁସ୍ଥ ହୋଇ ପୁନଃ କାର୍ଯ୍ୟରତ, ମୃତାହତ ହୋଇ ନାହାନ୍ତି । ରାମଚନ୍ଦ୍ର ବିଶ୍ୱାଳ ( ଉପଖଣ୍ଡ ପୁଲିସ୍ ଅଧିକାରୀ, ବଣାଇଁ) : ଘଟଣା ର ତଦନ୍ତ ପାଇଁ ଥାନା ଅଧିକାରୀ ସମେତ ଟିମ୍ ଯାଇଥିଲେ । ଦୁର୍ଘଟଣା ରେ କେହି ଗଭୀର ଆହତ ହୋଇ ନ ଥିଲେ । ମିଛ ଗୁଜବ ପ୍ରଚାର ପ୍ରସାର ଠାରୁ ଦୂରରେ ରହିବାକୁ ଅନୁରୋଧ ।

# ସୁନ୍ଦରଗଡରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ




ସୁନ୍ଦରଗଡ,୨୨/୯(ନି/ପ୍ର): ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଦେଶର ତୃତୀୟ ପର୍ଯ୍ୟାୟରେ ଚଳିତ ବର୍ଷ ମଇ ୨୦ ତାରିଖରୁ ସମଗ୍ର ରାଜ୍ୟରେ ଆରମ୍ଭ ହୋଇଥିଲା ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର୍ ପ୍ରକ୍ରିୟା । ଏହି କ୍ରମରେ ସମଗ୍ର ରାଜ୍ୟରେ ଆଜି ପ୍ରକାଶ ପାଇଛି ଚୂଡ଼ାନ୍ତ ଭୋଟର ତାଲିକା । ସେହିଭଳି ସୁନ୍ଦରଗଡ଼ ଜିଲ୍ଲାରେ ମଧ ପ୍ରକାଶିତ ହୋଇଛି ଏହି ଚୂଡ଼ାନ୍ତ ଭୋଟର ତାଲିକା । ଆଜି ସ୍ଥାନୀୟ ସଦଭାବନା ଭବନ ଠାରେ ସମସ୍ତ ରାଜନୈତିକ ଦଳ ଗୁଡ଼ିକର ପ୍ରତିନିଧି ମାନଙ୍କ ଉପସ୍ଥିତିରେ ପ୍ରକାଶିତ ହୋଇଛି ଜିଲ୍ଲାର ଏହି ଚୂଡ଼ାନ୍ତ ଭୋଟର ତାଲିକା । ସେହିଭଳି ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀ ଏବଂ ଜିଲ୍ଲାର ସମସ୍ତ ବୁଥ ମାନଙ୍କରେ ମଧ୍ୟ ପ୍ରକାଶିତ ହେଉଛି ଏହି ଚୂଡ଼ାନ୍ତ ଭୋଟର ତାଲିକା । ଏହି ଅବସର ରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡ଼ା ଶୁଭଙ୍କର ମହାପାତ୍ର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା କାର୍ଯ୍ୟ ପରିଚାଳନା ନିମନ୍ତେ ବିଶେଷ କରି ଜିଲ୍ଲାର ସମସ୍ତ ଜନସାଧାରଣ,ସମସ୍ତ ରାଜନୈତିକ ଦଳ, ସମସ୍ତ ନାଗରିକ ସମାଜ ଓ ଗଣମାଧ୍ୟମଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେହିଭଳି ଏହି ପ୍ରକ୍ରିୟାରେ ସାମିଲ ହୋଇ କାର୍ଯ୍ୟକୁ ସଫଳ ଭାବେ ସମାପନ କରିଥିବା ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ତଥା ଅନ୍ୟାନ୍ୟ ଅଧିକାରୀ, ବୁଥ ସ୍ତରୀୟ ଅଧିକାରୀ, ସୁପର ଭାଇଜର, ବୁଥ୍ ସ୍ତରୀୟ ଏଜେଂଟମାନଙ୍କ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ ପାଇଁ ପ୍ରଶଂସା କରିଥିଲେ । ଆଜିର ଏହି ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ ଜିଲ୍ଲାରେ ମୋଟ ୧୩୯୫୯୮୧ ଜଣ ଭୋଟର ତାଲିକାରେ ରହିଛନ୍ତି । ସେଥିମଧ୍ୟରୁ ପୁରୁଷ ଭୋଟର ହେଉଛନ୍ତି ୬୯୦୮୩୯ ମହିଳା ଭୋଟର ସଂଖ୍ୟା ୭୦୫୦୨୭ ଏବଂ ତୃତୀୟ ଲିଙ୍ଗି ଭୋଟରଙ୍କ ସଂଖ୍ୟା ହେଉଛି ୧୧୫ । ତଳସରା ନିର୍ବାଚନ ମଣ୍ଡଳୀର ମୋଟ ଭୋଟର ହେଉଛନ୍ତି ୧୯୯୯୦୦ ଏବଂ ଏଥିରୁ ପୁରୁଷ ଭୋଟର ହେଉଛନ୍ତି ୯୮୩୦୭, ମହିଳା ଭୋଟର ୧୦୧୫୮୨ ଜଣ ଓ ତୃତୀୟ ଲିଙ୍ଗି ଭୋଟର ୧୧ ଜଣ । ସୁନ୍ଦରଗଡ଼ ସଦର ନିର୍ବାଚନ ମଣ୍ଡଳୀର ମୋଟ ଭୋଟର ସଂଖ୍ୟା ହେଉଛି ୨୧୨୦୫୪ ଏବଂ ଏଥିରୁ ପୁରୁଷ ଭୋଟର ୧୦୪୪୦୮, ମହିଳା ଭୋଟର ୧୦୭୬୩୩ ଓ ତୃତୀୟ ଲିଙ୍ଗି ଭୋଟର ହେଉଛନ୍ତି ୧୩ ଜଣ । ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ମୋଟ ଭୋଟର ସଂଖ୍ୟା ହେଉଛି ୨୩୦୫୯୧ ଏବଂ ଏଥିରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧୧୩୫୫୧ , ମହିଳା ଭୋଟର ୧୧୭୦୩୧ ଜଣ ଓ ତୃତୀୟ ଲିଙ୍ଗି ଭୋଟର ୯ ଜଣ । ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ମୋଟ ଭୋଟର ୧୪୩୩୪୮ ଏବଂ ଏଥିରୁ ପୁରୁଷ ଭୋଟର ସଂଖ୍ୟା ୭୧୫୬୮, ମହିଳା ଭୋଟର ସଂଖ୍ୟା ୭୧୭୬୮ ଓ ତୃତୀୟ ଲିଙ୍ଗି ଭୋଟର ୧୨ ଜଣ । ରାଉରକେଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମୋଟ ଭୋଟର ହେଉଛନ୍ତି ୧୭୧୦୨୧ ଏବଂ ଏଥିରୁ ପୁରୁଷ ଭୋଟର ହେଉଛନ୍ତି ୮୬୩୮୦, ମହିଳା ଭୋଟର ସଂଖ୍ୟା ହେଉଛି ୮୪୬୧୬ ଓ ତୃତୀୟ ଲିଙ୍ଗି ଭୋଟର ହେଉଛନ୍ତି ୨୫ ଜଣ ।

# ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ ଓ ଜନଗଣଙ୍କ ଜୀବନ ଜୀବିକାର ଦାବିକୁ ନେଇ ସିଆଇଟିୟୁର ଗଣଧାରଣ ନିଷ୍ପତି




ରାଉରକେଲା,୨୨/୯(ନି/ପ୍ର): କେନ୍ଦ୍ର ମୋଦି ସରକାର ଙ୍କ ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ କରିବା,ଓଡ଼ିଶା ବିରୋଧୀ ଏମ୍ ଏମ୍ ଡି ଆର୍ ସଂଶୋଧିତ ଆଇନ୍-୨୦୨୬ ରଦ୍ଦ କରିବା, ଶ୍ରମିକ ମାନଙ୍କ ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା ପ୍ରଦାନ କରିବା,ଆଶା, ଅଙ୍ଗନବାଡି ପ୍ରଭୃତି ସ୍କିମ ଶ୍ରମିକ ମାନଙ୍କୁ ଶ୍ରମିକ ର ମାନ୍ୟତା ଓ ସାମାଜିକ ସୁରକ୍ଷା ଯୋଗାଇଦେବା,ଠିକା ଶ୍ରମିକ ମାନଙ୍କ କାର୍ଯ୍ୟର ସୁରକ୍ଷା ଓ ଏନ୍ ଜେ ସି ଏସ ରେ ସ୍ଥାୟୀ ଓ ଠିକା ଶ୍ରମିକଙ୍କ ମଜୁରୀ ଚୁକ୍ତିନାମା, ମଜୁରୀ ନିର୍ଦ୍ଧାରଣ ବୋର୍ଡ଼ ରେ ସି ଆଇ ଟି ୟୁ ପ୍ରତିନିଧିଙ୍କୁ ସାମିଲ କରିବା,ଜନଗଣଙ୍କ ମୌଳିକ ସମସ୍ୟାର ସମାଧାନ ଯଥା ଖାଦ୍ୟ ସାମଗ୍ରୀ ର ଆକାଶଛୁଆଁ ବଜାର ଦର ନିୟନ୍ତ୍ରଣ, ରନ୍ଧନ ଗ୍ୟାସ ଓ ତୈଳ ଦର ନିୟନ୍ତ୍ରଣ କରିବା,ଇଥାନଲ ମିଶ୍ରଣ ପେଟ୍ରୋଲକୁ ବନ୍ଦ କରିବା ପ୍ରଭୃତି ଦାବିରେ ଆସନ୍ତା ସେପଟ୍ଟେମ୍ବର ୨୪-୨୫ ଦୁଇଦିନ ଧରି ସିଆଇଟିୟୁ ପକ୍ଷରୁ ରାଜ୍ୟସ୍ତରୀୟ ଗଣଧାରଣା କାର୍ଯ୍ୟକ୍ରମ ବିଧାନ ସଭା ଆଗରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମ ରେ ସୁନ୍ଦରଗଡ଼ ଜିଲ୍ଲାରୁ ପ୍ରାୟ ୫ ହଜାର ଖଣି ଶ୍ରମିକ, ଶିଳ୍ପ ଶ୍ରମିକ, ଇସ୍ପାତ,ଠିକା, ନିର୍ମାଣ, ପରିବହନ, କୋଇଲା ଶିଳ୍ପ ର ଶ୍ରମିକ ଙ୍କ ସମେତ ଆଶା, ଅଙ୍ଗନବାଡି,ପାଚିକାର ହଜାର ହଜାର ସ୍କିମ୍ ଶ୍ରମିକ ଯୋଗଦେବେ । ଆଜି ସ୍ଥାନୀୟ ଶ୍ରମିକ ଭବନ, ସେକ୍ଟର - ୧୬ ଠାରେ ରାଉରକେଲା କଟାଂକ୍ଟର ଓରକର୍ସ ୟୁନିୟନ ( ସି ଆଇ ଟି ୟୁ) ର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ଏ ସଂକ୍ରାନ୍ତରେ ଚୂଡାନ୍ତ ନିଷ୍ପତି ନିଆଯାଇଛି । ୟୁନିୟନର ବରିଷ୍ଠ ଉପ ସଭାପତି ଶ୍ରୀମନ୍ତ ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୟୁନିୟନର ସାଧାରଣ ସଂପାଦକ ବିମାନ ମାଇତି,ବି ପି ମହାପାତ୍ର,ରାଜ କିଶୋର ପ୍ରଧାନ, ଲକ୍ଷ୍ମୀଧର ନାୟକ, ବିଶ୍ୱଜିତ ମାଝୀ, ପ୍ରଭାତ ମହାନ୍ତି, ଦିବାକର ମହାରଣା, ବିନୟ ବେହୁରିଆ, ଅଶୋକ ଦାସ, ସାଗର ଛୋଟରାୟ,ଜଗଦିଶ ପାଲ, ହିତେଶ ମଲିକ୍, ଜୟନ୍ତୀ ମୋହିନୀ, ମମତା ଭୂମିଜ, ଅଜିତ୍ ରାୟ, ଅନାଦି ସାହୁ ପ୍ରମୁଖ ବକ୍ତବ୍ୟ ରଖି ରାଉରକେଲା ଇସ୍ପାତ କାରଖାନା ଓ ଟାଉନସିପ୍ ଓ ବିଭିନ୍ନ ବସ୍ତି ଓ ଅନ୍ୟାନ୍ୟ ଅଂଚଳରେ ବସବାସ କରୁଥିବା ଠିକା ଶ୍ରମିକ ମଧ୍ୟରେ ସଭା, ପ୍ରଚାର ପତ୍ର ବଂଟନ କରି ଶ୍ରମିକ ଓ ଜନ ବିରୋଧି ମୋଦି ସରକାର ବିରୁଦ୍ଧରେ ଏହି ଗଣଧାରଣା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆହ୍ୱାନ କରିଥିଲେ ।

# କାର୍ଯ୍ୟସ୍ଥଳୀରେ ସୁରକ୍ଷା ସୁଦୃଢ଼ କରିବାକୁ ଆରଏସପିରେ 'ମୋ କ୍ଷେତ୍ର, ମୋ ଦାୟିତ୍ୱ' ଆପ୍ଲିକେସନ୍ ଉନ୍ମୋଚିତ




ରାଉରକେଲା,୨୨/୯(ନି/ପ୍ର):'ଆମ ସୁରକ୍ଷା, ଆମ ଦାୟିତ୍ୱ' ନୀତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଆଣ୍ଡଆଇଟି ଏବଂ ଡିଜିଟାଲାଇଜେସନ୍ ବିଭାଗ ଦ୍ୱାରା ଆଭ୍ୟନ୍ତରୀଣ ଭାବେ ବିକଶିତ 'ଏମଏଏମଆର (ମାଇ ଏରିଆ ମାଇ ରେସ୍ପନ୍ସିବିଲିଟି)' ଆପ୍ଲିକେସନ୍ ସେପଟ୍ଟେମ୍ବର ୨୧ ତାରିଖରେ ମନ୍ଥନ କନଫରେନ୍ସ ହଲ୍ ?ରେ ଉନ୍ମୋଚିତ ହୋଇଛି । ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଏହି ଆପ୍ଲିକେସନ୍ର ଉନ୍ମୋଚନ କରିଥିଲେ । ଏହି ଅବସରରେ ଆରଏସପିର ନିର୍ବାହୀ ନିର୍ଦ୍ଦେଶକ, ସିଜିଏମ , ବିଭାଗ ମୁଖ୍ୟ ଗଣଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । 'ଆମ ସୁରକ୍ଷା, ଆମ ଦାୟିତ୍ୱ' ମୂଳମନ୍ତ୍ର ଉପରେ ଆଧାରିତ ଏହି ଆପ୍ଲିକେସନ୍ କର୍ମଚାରୀମାନଙ୍କୁ ସେମାନଙ୍କୁ ଆବଟିଂତ ଅଚଂଳର ସୁରକ୍ଷା ପ୍ରତି ସିଧାସଳଖ ଦାୟିତ୍ୱ ନେବା ପାଇଁ ସକ୍ଷମ କରିଥାଏ । ଫଟୋ ଆଧାରିତ ରିପୋର୍ଟିଂ ମାଧ୍ୟମରେ କର୍ମଚାରୀମାନେ ଅସୁରକ୍ଷିତ କାର୍ଯ୍ୟ, ଅସୁରକ୍ଷିତ ପରିସ୍ଥିତି, ଘଟଣା ଏବଂ ଅସ୍ୱାଭାବିକ କାର୍ଯ୍ୟପଦ୍ଧତିକୁ ଶୀଘ୍ର ଚିହ୍ନଟ କରି ରିପୋର୍ଟ କରିପାରିବେ । ରିପୋର୍ଟ ହୋଇଥିବା ଏହି ଅବଲୋକନଗୁଡ଼ିକୁ ଡିଜିଟାଲ୍ ଭାବେ ରେକର୍ଡ, ଟ୍ରାକ୍ ଏବଂ ସୁସଂଗଠିତ ଓ ସମୟୋପଯୋଗୀ ଭାବେ ସମାଧାନ କରାଯାଇପାରିବ । ଏମଏଏମଆର ଆପ୍ଲିକେସନ୍ରେ ବିଭିନ୍ନ ବ୍ୟବହାରକାରୀ ଗୋଷ୍ଠୀ ପାଇଁ ସ୍ୱତନ୍ତ୍ର ସୁବିଧା ରହିଛି । ଏମଏଏମଆର କ୍ୟାପଟ୍ଟେନ୍ ଏବଂ ସଦସ୍ୟମାନେ ନିଜ ନିଜ ଅଚଂଳ ସମ୍ପର୍କିତ ସୁରକ୍ଷା ମାମଲା ପଞ୍ଜୀକରଣ କରିବା, ସେଗୁଡ଼ିକର ସ୍ଥିତି ଅଦ୍ୟତନ କରିବା ଏବଂ ସୁରକ୍ଷା ଅବଲୋକନଗୁଡ଼ିକୁ ଟ୍ରାକ୍ କରିପାରିବେ । ବିଭାଗ ମୁଖ୍ୟ , ସୁରକ୍ଷା ମୁଖ୍ୟ ଏବଂ ବିଭାଗୀୟ ସୁରକ୍ଷା ଅଧିକାରୀ ମାନେ ନିଜ ନିଜ ବିଭାଗର ସମସ୍ତ ମାମଲା ଦେଖିବା ସହିତ ପ୍ରଗତିର ନିରୀକ୍ଷଣ କରିପାରିବେ ଏବଂ ମନ୍ତବ୍ୟ ଓ ଅବଲୋକନ ଆଧାରରେ ବିଚାରାଧୀନ କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମ୍ପନ୍ନ କରିବାରେ ପଦକ୍ଷେପ ନେଇପାରିବେ । ପରିଚାଳନା କତୃପକ୍ଷ ପାଇଁ ଏକ ସ୍ୱତନ୍ତ୍ର ଡ୍ୟାସବୋର୍ଡ ମଧ୍ୟ ଏଥିରେ ରହିଛି । ଏହା ମାଧ୍ୟମରେ ସମଗ୍ର ପ୍ଲାଟଂରେ ରିପୋର୍ଟ ହୋଇଥିବା ସୁରକ୍ଷା ମାମଲାଗୁଡ଼ିକର ସ୍ଥିତି, ଗ୍ରହଣ କରାଯାଇଥିବା ପଦକ୍ଷେପ ଏବଂ ପରବର୍ତୀ ଅନୁସରଣ ସମ୍ପର୍କରେ ସମଗ୍ର ଚିତ୍ର ମିଳିପାରିବ । ଏହା ସୁରକ୍ଷା ପରିଚାଳନାରେ ଅଧିକ ସ୍ୱଚ୍ଛତା, ସମୟୋପଯୋଗୀ ହସ୍ତକ୍ଷେପ ଏବଂ ତଥ୍ୟ ଆଧାରିତ ନିଷ୍ପତି ଗ୍ରହଣକୁ ସହଜ କରିବ । ଏହି ଅବସରରେ ଏନପିଏମ ଏବଂ ଡିଜିଟାଲାଇଜେସନ୍ ବିଭାଗର ସିଜିଏମ ଶ୍ରୀ ଆର କେ ମୁଦୁଲି, ଆପ୍ଲିକେସନ୍ର ବିକାଶ ଯାତ୍ରା ଏବଂ ଏହାର ପ୍ରମୁଖ ବୈଶିଷ୍ଟ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ । ସୁରକ୍ଷା ଏବଂ ଅଗ୍ନିଶମନ ବିଭାଗର ସିଜିଏମ ଶ୍ରୀ ହିରାଲାଲ ମହାପାତ୍ର, ପ୍ଲାଟଂର ସୁରକ୍ଷା ସଂସ୍କୃତିକୁ ଅଧିକ ସୁଦୃଢ଼ କରିବାରେ ଆପ୍ଲିକେସନ୍ର ପ୍ରଭାବଶାଳୀ ବ୍ୟବହାରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଜିଏମ ସିଆଣ୍ଡଆଇଟି ଶ୍ରୀମତୀ ସୁମିତା ଭଟ୍ଟାଚାର୍ଯ୍ୟ, ଡ୍ୟାସବୋର୍ଡଗୁଡ଼ିକର ପ୍ରଦର୍ଶନ କରିବା ସହିତ ସୁରକ୍ଷା ନିରୀକ୍ଷଣ ଏବଂ ଦୃଶ୍ୟମାନତା ବୃଦ୍ଧିରେ ଏହାର ଭୂମିକା ବ୍ୟାଖ୍ୟା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ଏହି ଆପ୍ଲିକେସନ୍ ଗୁଗୁଲ ପ୍ଲେ ଷ୍ଟୋର ରେ ଉପଲବ୍ଧ ରହିଛି ଏବଂ ଆରଏସପିର ଅଧିକୃତ କର୍ମଚାରୀମାନେ ଏହାକୁ ଡାଉନଲୋଡ୍ କରିପାରିବେ । ଏହି ପଦକ୍ଷେପ ମାଧ୍ୟମରେ ସକ୍ରିୟ ସୁରକ୍ଷା ପରିଚାଳନା, ମାନକୀକୃତ ହାଉସ୍କିପିଂ ଏବଂ ଅସମାଧାନ ହୋଇ ରହିଥିବା ବିପଦ ପ୍ରତି 'ଶୂନ୍ୟ ସହନଶୀଳତା' ଆଭିମୁଖ୍ୟକୁ ପ୍ରୋତ୍ସାହନ ଦିଆଯିବ । ଏହା ମାଧ୍ୟମରେ ଅଧିକ ସୁରକ୍ଷିତ ଏବଂ ଡିଜିଟାଲ୍ ଭାବେ ସକ୍ଷମ କାର୍ଯ୍ୟସ୍ଥଳୀ ଗଠନରେ ସହାୟତା ମିଳିବ ।